Weekly Multilingual

ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 | ODIMUL00867 | Rs - 5.00

ଭାଗ:୧, ସଂଖ୍ୟା: ୪୨, ଭୁବନେଶ୍ୱର, ସେପ୍ଟେମ୍ବର ୦୨-୦୮, ୨୦୨୪, Vol: 1, Issue: 42, Bhubaneswar, September 02-08, 2024

# ଶବ୍ଦ ପ୍ରଦୂଷଣ : ଏବେ ନୂଆ କଷଣ

*ଆଧୁନିକ ଶୈଳୀର ଜୀବନଧାରା ସହିତ ଯୋଡି ହେଉଛି ସମାଜ। ସମୟର ଅବିରାମ ଗତିକୁ ଖାପ ଖୁଆଇ ତାଠୁ ଅଧିକ ବେଗରେ ଦୌଡିବାକୁ ସଭିଏଁ ତୟାର। କ୍ଷତିକୁ ଅଣଦେଖା କରି ଲାଭ ସାଉଁଟିବାର ତତ୍ପରତା ବଢୁଛି। ପରିବେଶ, ବାୟୁ, ଶବ୍ଦ ପ୍ରଦୂଷଣ ଇତ୍ୟାଦି ବିଷୟରେ ଚିନ୍ତା ଓ ଚେତନାର ଅଭାବ। ଏମିତି ଏକ ଅଭାବନୀୟ ସମୟରେ ଶବ୍ଦ ପ୍ରଦୂଷଣକୁ ନେଇ ଏକ ଗମ୍ଭୀର ଆଲୋଚନା କରିଛନ୍ତି* ***ଅର୍ପିତା ମିଶ୍ର***



- ଧ୍ୱନୀର ଆବଶ୍ୟକତା ଏବେ ଶବ୍ଦ ପ୍ରଦୂଷଣ ହୋଇ ସାଜିଛି ଅଭିଶାପ
- ଉଚ୍ଚ ଧ୍ୱନୀର ପ୍ରଭାବ ଉଭୟ ଶାରିରିକ ଏବଂ ମାନସିକ ସନ୍ତୁଳନ ବିଗାଡିଥାଏ
- ଶବ୍ଦ ପ୍ରଦୂଷଣ ପାଇଁ ଲୋକେ ହରାଇଲେଣି ଶ୍ରବଣ ଶକ୍ତି
- ସରକାର ଆଣନ୍ତୁ କଠୋର ମାର୍ଗ ଦର୍ଶିକା

ବଦଳୁଥିବା ସମୟ ସହିତ ବଦଳିଯାଏ ଆମ ଜୀବନଶୈଳୀ। ଆମ ପୂର୍ବପୁରୁଷଙ୍କ ଜୀବନ ବଞ୍ଚିବା ଢାଞ୍ଚା ଆଗରେ ବର୍ତ୍ତମାନର ଶୈଳୀ ସମ୍ପୂର୍ଣ୍ଣ ଭିନ୍ନ। ଅନେକ ଗୁଡ଼ିଏ ପ୍ରକାରଭେଦ, ନୀତି, ନିୟମ, ଅନୁଶାସନ, ପ୍ରତିବନ୍ଧକର ଶାସନରେ ବନ୍ଧା ଆଜିର ସମାଜ। ଏକ ସୁସ୍ଥ ସମାଜର ଗଠନ ନିମନ୍ତେ କେତେଗୁଡ଼ିଏ ନିୟମ ରହିଛି ଏବଂ ପ୍ରତି ନିୟମର ପ୍ରାରମ୍ଭରୁ ହିଁ ଏହାର ଲକ୍ଷ୍ମଣରେଖାକୁ ଦର୍ଶାଯାଇଛି ଯାହାକୁ ଅତିକ୍ରମ କଲେ ଜୀବନ ଦୁର୍ବିସହ ହେବାର ସମ୍ଭାବନା ସ୍ପଷ୍ଟ କରାଯାଇଛି। ଯାହାର ଏକ ସ୍ପଷ୍ଟ ଚିତ୍ର ହେଉଛି ଆମ ଚତୁଃପାର୍ଶ୍ୱରେ ଥିବା ପରିବେଶର ସୁରକ୍ଷା। ଯାହା ସୁରକ୍ଷିତ ରହିଲେ ମନୁଷ୍ୟ ଜୀବନ ସୁସ୍ଥମୟ ଏବଂ ସୁରକ୍ଷିତ ରହିଥାଏ। କିନ୍ତୁ ଏବେର ସମୟରେ ଲୋକମାନଙ୍କର କାର୍ଯ୍ୟଶୈଳୀ ଏବଂ ଜୀବନଶୈଳୀର କୁପ୍ରଭାବ ଦ୍ୱାରା କଳୁଷିତ ହେବାରେ ଲାଗିଛି ଆମ ପରିବେଶ। ପାଣି, ପବନ, ମାଟି, ବାୟୁ ଏପରିକି ଶବ୍ଦ ପ୍ରଦୂଷଣ ଗ୍ରାସ କରିସାରିଛି ଆମ ଚତୁଃପାର୍ଶ୍ୱରେ ଥିବା ପ୍ରାକୃତିକ ପରିବେଶକୁ ଯାହାର ପ୍ରଭାବ ସିଧାସଳଖ ଆମର ନିରନ୍ତର ଜୀବନ ପ୍ରକ୍ରିୟାରେ ପରିଲକ୍ଷିତ ହେଉଛି ।

ଦୈନିକ ଜୀବନ ପ୍ରକ୍ରିୟାରେ ଶବ୍ଦ ଅଥବା ଧ୍ୱନୀର ଆବଶ୍ୟକତା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଯାହା ଦିନକୁ ଦିନ ଆବଶ୍ୟକତାରୁ ଅଭିଶାପ ଆଡକୁ ଗତି କରୁଛି, ଯାହାକୁ ବୈଜ୍ଞାନିକ ଭାଷାରେ ଶବ୍ଦ ପ୍ରଦୂଷଣର ନାମ ଦିଆଯାଇଛି। ବାକ୍ୟଟି ଅଜବ ଲାଗୁଥିଲେ ବି ସତ୍ୟ ! ସଭିଏଁ ଚାହାଁନ୍ତି ଏକ ସୁସ୍ଥ ଏବଂ ଶାନ୍ତ ପରିବେଶରେ ବସବାସ କରିବା ପାଇଁ। ଅନେକ, ପରିସ୍ଥିତି ଏବଂ କର୍ମମୟ ଜୀବନ ଆଗରେ ଖାପଖୁଆଇ ଚଳିବାକୁ ମଧ୍ୟ ବାଧ୍ୟ ହୁଅନ୍ତି । ସୁମଧୁର ସ୍ୱର ଅଥବା ସଙ୍ଗୀତ ଶୁଣିବାକୁ କିଏ ବା ନ ଚାହେଁ। କିନ୍ତୁ ଆମ ଚତୁଃପାର୍ଶ୍ୱରେ ଏପରି କିଛି ଧ୍ୱନୀ ରହିଛି ଯାହାର କୁପ୍ରଭାବ ଦ୍ୱାରା ପରିବେଶ ପ୍ରଦୂଷିତ ହେବା ସହିତ, ମନୁଷ୍ୟର ଉଭୟ ଶାରିରୀକ ଏବଂ ମାନସିକ ସନ୍ତୁଳନ ବିଗିଡ଼ି ଚାଲିଛି। ଉଦାହରଣ ସ୍ୱରୂପ, ବିଭାଘର, ବ୍ରତଘର ପରି କାର୍ଯ୍ୟରେ ବାଜୁଥିବା ଡିଜେ, କିଛି ମୋଟରଯାନରୁ ଆସୁଥିବା ବିକଟାଳ ହର୍ଣ୍ଣର ଧ୍ୱନୀ, ଟ୍ରେନର ଧ୍ୱନୀ, ଫେରିବାଲା ଅଥବା ବୁଲା ବେପାରୀଙ୍କ ସ୍ୱରବର୍ଦ୍ଧକ ସାମଗ୍ରୀ ଏପରି ଅନେକଗୁଡ଼ିଏ ଉତ୍ପାଦ ଦ୍ୱାରା ଶବ୍ଦ ପ୍ରଦୂଷଣ ବଢ଼ିଥାଏ। ମିଳିଥିବା କିଛି ତଥ୍ୟ ଅନୁଯାୟୀ, ଏହାର କଟକଣା ନିମନ୍ତେ ୧୯୮୧ମସିହାରେ କ୍ଷମତାରେ ଥିବା କେନ୍ଦ୍ର ସରକାର ପ୍ରଦୂଷଣ ନିୟନ୍ତ୍ରଣ ଓ ନିରୋଧ ଆଇନ ଆଣିଥିଲେ ଯାହାକି, ୧୯୮୭ ମସିହାରେ ଉଚ୍ଚଧ୍ୱନୀକୁ ପ୍ରଦୂଷଣଯୁକ୍ତ ଲିଷ୍ଟରେ ସାମିଲ କରାଯାଇଥିଲା। ଯାହାଦ୍ୱାରା, ମନୁଷ୍ୟର ଆବଶ୍ୟକତା ଅନୁସାରେ ବିଭିନ୍ନ ଅଞ୍ଚଳ ପାଇଁ ଧ୍ୱନୀର ତୀବ୍ରତାକୁ ନିୟନ୍ତ୍ରଣ କରିବା ପାଇଁ କଟକଣା ଲାଗୁ କରାଗଲା। ପର୍ଯ୍ୟାୟକ୍ରମେ ଓଡ଼ିଶା ସରକାର ମଧ୍ୟ, ୨୦୦୦ମସିହାରେ ଉଚ୍ଚଧ୍ୱନୀ ନିୟନ୍ତ୍ରଣ ନିମନ୍ତେ ଆଇନ ଆଣିଥିଲେ। ଯାହା ଶିଳ୍ପାଞ୍ଚଳ ପାଇଁ ୭୦ରୁ ୭୫ଡେସିମିଲ ଏବଂ ଘରୋଇ ବାସସ୍ଥାନ ପାଇଁ ୪୫ରୁ ୫୫ଡେସିମିଲ ପର୍ଯ୍ୟନ୍ତ ରଖାଯାଇଥିଲା। ଧ୍ୱନୀର ତୀବ୍ରତା ୬୫ଡେସିବେଲରୁ ଅଧିକ ହେଲେ ତାହା ଶବ୍ଦ ପ୍ରଦୂଷଣ, ୭୫ଡେସିବେଲରୁ ଅଧିକ ହେଲେ ତାହା ପ୍ରାଣୀ ଜଗତ ପ୍ରତି କ୍ଷତିକାରକ ଏବଂ ୮୫ଡେସିବେଲରୁ ଅଧିକ ହେଲେ ମନୁଷ୍ୟର ଶ୍ରବଣ ଶକ୍ତି ନଷ୍ଟ ହେବାର ସମ୍ଭାବନାକୁ ସ୍ପଷ୍ଟ କରାଗଲା। ଚେନ୍ନାଇ ବାସିନ୍ଦାଙ୍କ ଉପରେ ହୋଇଥିବା ଏକ ବୈଜ୍ଞାନିକ ଗବେଷଣାରୁ ଜଣାପଡିଛି ଯେ, ମୋଟର ଯାନ ପରିମାଣରେ ବୃଦ୍ଧି ହେବା ସହିତ ଉଚ୍ଚଧ୍ୱନୀକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ବ୍ୟବସ୍ଥା ନହେବା ଦ୍ୱାରା ସେଠାରେ ଅନେକ ବ୍ୟକ୍ତି ନିଜର ଶ୍ରବଣ ଶକ୍ତି ହରାଇଥାନ୍ତି। ବିଶେଷ କରି ଏହି ଲକ୍ଷଣ, ଅତ୍ୟଧିକ ହେଡଫୋନ୍ ବ୍ୟାବାହର କରୁଥିବା ବ୍ୟକ୍ତିଙ୍କ ଠାରେ ଦେଖିବାକୁ ମିଳିଥାଏ। ଉଚ୍ଚଧ୍ୱନୀରେ ଥିବା ନ୍ୟୁରୋଟ୍ରାନ୍ସମିଟର ଗ୍ଲୁକାମେଟ ମନୁଷ୍ୟର ଶ୍ରବଣ ଶକ୍ତିକୁ ହ୍ରାସ କରିବା ସହିତ ଏହାର ପ୍ରଭାବରେ ଉଚ୍ଚ ରକ୍ତଚାପ, ରକ୍ତ ପ୍ରବାହିତ ଧମନୀ ଏପରିକି ମାନସିକ ସନ୍ତୁଳନ ବିଗିଡ଼ିଥାଏ। ଏହା ବ୍ୟତୀତ, ଅନ୍ୟଏକ ଗବେଷଣା ଅନୁଯାୟୀ, କୌଣସି ବ୍ୟକ୍ତି ଯଦି ୮୮ଡେସିବେଲରୁ ଉର୍ଦ୍ଧ୍ୱ ଧ୍ୱନୀର ପରିସୀମା ମଧ୍ୟରେ ୪ଘଣ୍ଟାରୁ ଅଧିକ ସମୟ ବିତାଏ ତେବେ ଉକ୍ତ ବ୍ୟକ୍ତିର ଶ୍ରବଣ ଶକ୍ତି ପ୍ରଭାବିତ ହୁଏ। ଅଧୁନା ବୃଦ୍ଧି ପାଉଥିବା ଶବ୍ଦ ପ୍ରଦୂଷଣର ମାତ୍ରା, ପାଠ ପଢୁଥିବା ଛାତ୍ରଛାତ୍ରୀ ତଥା ଯୁବସମାଜ ଉପରେ ପଡୁଛି ଯାହାଦ୍ୱାରା ବହୁ କମ୍ ବୟସରୁ ହିଁ ସେମାନଙ୍କ ଠାରେ ଶ୍ରବଣ ଶକ୍ତି ହ୍ରାସ ହେବା, ମାନସିକ ଅସ୍ଥିରତା ହେବା ସହିତ ଏକାଗ୍ରତା ହ୍ରାସ ହେବାର ଲକ୍ଷଣ ଦେଖିବାକୁ ମିଳୁଛି। ଏବେର ଡିଜିଟାଲ ଜମାନାରେ ଶବ୍ଦ ନିୟନ୍ତ୍ରଣର ମାତ୍ରା ବଢ଼ାଇବା ପାଇଁ କିଛି ସ୍ଥାନରେ ଶବ୍ଦ ନିର୍ଦ୍ଧାରଣ କରୁଥିବା ମିଟର ଲଗାଯାଉଛି ଯାହାର କାର୍ଯ୍ୟକାରିତା ହୁଏତ କିଛି ପରିସୀମା ମଧ୍ୟରେ ସୀମିତ। ଶବ୍ଦ ପ୍ରଦୂଷଣର କୁପ୍ରଭାବ ଏତେ ମାତ୍ରାରେ ଭୟଙ୍କର ଯେ, ଅନେକ ଦେଶମାନଙ୍କରେ ଗାଡ଼ିଗୁଡ଼ିକରେ ହର୍ଣ୍ଣ ଲଗାଇବା ଉପରେ କଠୋର କଟକଣା ଲଗାଯାଇଛି। ଯଦି ଅନ୍ୟ ଦେଶରେ ଉଚ୍ଚଧ୍ୱନୀର ବାରଣ ସମ୍ଭବ ହୋଇପାରୁଛି ତେବେ ଆମର କାହିଁକି ନୁହେଁ ? ଶବ୍ଦ ପ୍ରଦୂଷଣର ଭୟଙ୍କର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ନିମନ୍ତେ ସରକାର ସଚେତନ ହେବା ଜରୁରୀ । ଏହାସହିତ ପ୍ରାକୃତିକ ସମ୍ପଦର ସଂରକ୍ଷଣ, ଉପଯୁକ୍ତ ଜନ ସଚେତନତା, କଠୋର ନିୟମ, ପର୍ଯ୍ୟାପ୍ତ କଟକଣା ରହିବା ମଧ୍ୟ ନିହାତି ଆବଶ୍ୟକ। କାରଣ ବର୍ତ୍ତମାନର ସୁସ୍ଥ ସମାଜ ହିଁ ଏକ ସୁରକ୍ଷିତ ଭବିଷ୍ୟତ ଗଢିବାର ମୂଳ ଆଧାର ସାଜିବ ।



## ସଂ ପା ଦ କୀ ୟ

# ଭାରତୀୟ ଔଷଧର ଗୁଣମାନ

ଆମେରିକା ଓ ଚୀନ୍ ପରେ ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ଔଷଧ ଉତ୍ପାଦନକାରୀ ଦେଶ । ଏଠାରେ ବିଶ୍ୱର ୨୦% ଜେନେରିକ୍ ଔଷଧ ଉତ୍ପାଦିତ ହୋଇଥାଏ । ଏତେବଡ଼ ବୃହତ୍ ବଜାର ଦୃଷ୍ଟିରୁ ଭାରତ ମଧ୍ୟ ଔଷଧ ରପ୍ତାନିରେ ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦଖଲ କରିଛି । ବାର୍ଷିକ ପ୍ରାୟ ୨୦ ବିଲିୟନ ଡଲାର ମୂଲ୍ୟର ଔଷଧପତ୍ର ଭାରତ ରପ୍ତାନୀ କରିଥାଏ । ଔଷଧପତ୍ର ଜୀବନ ରକ୍ଷା ସହିତ ଜଡ଼ିତ ଥିବାରୁ ଏହି ଉଦ୍ୟୋଗରେ ଗୁଣ ଓ ମାନ ରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ । ଏଥିପାଇଁ କଠୋର ନିୟନ୍ତ୍ରଣ ବ୍ୟବସ୍ଥା ରହିଛି । ଗୁଣ, ମାନ ଓ ନିରାପତାକୁ ତନ୍ନ ତନ୍ନ କରି ଯାଂଚ କରିବା ପରେ ନିୟାମକ ବ୍ୟବସ୍ଥା ଏହାକୁ ବଜାର ଛାଡ଼େ । ଏହାସତ୍ୱେ ଏକ ବିରାଟ ବଜାର, ବିପୁଳ ଚାହିଦା ଓ ଢିଲା ନିୟନ୍ତ୍ରଣ ବ୍ୟବସ୍ଥାର ସୁଯୋଗ ନେଇ ଅନେକ ଅସାଧୁ ଲୋକ ଏବଂ ଠକ କମ୍ପାନୀ ନକଲି ଔଷଧ ପ୍ରସ୍ତୁତ କରି ବଜାରକୁ ଛାଡ଼ିଥା'ନ୍ତି । ନିକଟ ଅତୀତରେ ଭାରତୀୟ କଫ୍ ସିରଫ ଖାଇ ଆଫ୍ରିକାର କେତେକ ଦେଶର ଅନେକ ପିଲାଙ୍କର ମୃତ୍ୟୁ ଘଟିଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ ଏହି ଔଷଧର ଉତ୍ପାଦନକାରୀ କମ୍ପାନୀ ଜାଣିଶୁଣି ନିମ୍ନମାନର ଏଭଳି କଫ୍ ସିରଫ୍ ଉତ୍ପାଦିତ କରି ରପ୍ତାନୀ କରିଥିଲା । ଦ୍ୱିତୀୟ ଘଟଣାରେ ଆମ ଓଡ଼ିଶା ସମେତ କେତେକ ବଜାରରେ କିଛି ନକଲି ଉଚ୍ଚ ରକ୍ତଚାପ ଔଷଧର କାରବାର ଧରାପଡ଼ିଥିଲା । ଏସବୁ ବଟିକା ବିହାର, ଦିଲ୍ଲୀ ଓ ହରିୟାଣାରୁ ଉତ୍ପାଦିତ ହୋଇ ଓଡ଼ିଶା ବଜାରକୁ ଦୁଇନମ୍ବର (ଗୁପ୍ତ) ରାସ୍ତାରେ ଆସିଥିଲା । ଲୋକେ ବିଶ୍ୱାସରେ ଔଷଧ କିଣନ୍ତି । ଡାକ୍ତର ଲେଖିଥିବା ଔଷଧ ଛଡ଼ା ଅନ୍ୟ କମ୍ପାନୀ ବା ବ୍ରାଣ୍ଡର ଔଷଧ କିଣନ୍ତି ନାହିଁ । ତେବେ ଅନେକ ପ୍ରତିଷ୍ଠିତ କମ୍ପାନୀ ନାମରେ ବଜାରରେ ଯେ ନକଲି ଔଷଧ ମିଳୁଛି, ସାଧାରଣ ଲୋକ ଏକଥା ସହଜରେ ଜାଣିପାରନ୍ତି ନାହିଁ । ଭାରତୀୟ ଔଷଧ ବଜାରରେ ନକଲିର ପ୍ରାଦୁର୍ଭାବ ବୃଦ୍ଧି ଏବଂ ନିୟନ୍ତ୍ରଣରେ ତ୍ରୁଟି ନିଶ୍ଚିତ ଚିନ୍ତାଜନକ ତଥା ଅକ୍ଷମଣୀୟ । ଏବେ ବୈଦେଶିକ ବାଣିଜ୍ୟର ଡାଇରେକ୍ଟୋରେଟ୍ ଜେନେରାଲ୍ (ଡିଜିଏଫ୍ଟି)ଙ୍କ ନିଦ ଭାଙ୍ଗିଛି । ଡିଜିଏଫ୍ଟିର ନିର୍ଦ୍ଦେଶ ଅନୁସାରେ ଏବେ ଦେଶର ସବୁ କଫ୍ ସିରଫ ରପ୍ତାନୀକାରୀଙ୍କୁ ନିଜ ଔଷଧର ମାନ ନିର୍ଦ୍ଦିଷ୍ଟ ସରକାରୀ ଲାବରେଟୋରୀରେ ପରୀକ୍ଷା କରାଇବା ବାଧ୍ୟତାମୂଳକ । ଏହି ପରୀକ୍ଷା ରିପୋର୍ଟ ଆଧାରରେ ସେମାନଙ୍କୁ ରପ୍ତାନୀ ପାଇଁ ଅନୁମତି ପ୍ରଦାନ କରାଯିବ । ଏହା ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ନିମ୍ନମାନର ଔଷଧ ରପ୍ତାନୀ କରି ଦେଶର ସୁନାମରେ ଆଂଚ ଆଣିବା ଭଳି ସୁଯୋଗ ଆଉ ଦିଆଯିବ ନାହିଁ । ତେବେ ଆମର କହିବା କଥା ହେଉଛି ଯେ ଔଷଧପତ୍ରର ନିରାପତା ଓ ମାନକୁ ନିର୍ଦ୍ଦିଷ୍ଟ କିଛି ଔଷଧ ତଥା ରପ୍ତାନୀ ପାଇଁ ଉଦ୍ଦିଷ୍ଟ ସାମଗ୍ରୀରେ ସୀମିତ ରଖାଯିବା ଅନୁଚିତ । ଔଷଧ ବ୍ୟବହାରକାରୀଙ୍କ ନିକଟରେ ଦେଶ ବିଦେଶର ବିଚାର ନଥାଏ । କେବଳ ରପ୍ତାନୀଯୋଗ୍ୟ ଔଷଧର ମାନ ଓ ନିରାପତାକୁ ତଦାରଖ କରି ଦେଖାଯିବ ଏବଂ ଦେଶରେ ବିକ୍ରି ପାଇଁ ଔଷଧ କ୍ଷେତ୍ରରେ ଏହା ହେବ ନାହିଁ । ଏଭଳି ଦ୍ୱୈତ ନୀତି ଅଗ୍ରହଣୀୟ ଏବଂ ଗର୍ହିତ । ଭାରତୀୟ ଔଷଧ ବଜାରରେ ଆବଶ୍ୟକ ତଦାରଖ ଓ ନିୟନ୍ତ୍ରଣ ଅଭାବରୁ ଅନେକ ନକଲି ଔଷଧ କାରବାର ହେଉଥିବା ଅଭିଯୋଗ ହେଉଛି । ଏହା ଦେଖିବା କେନ୍ଦ୍ରୀୟ ଭେଷଜ ମାନ ନିୟନ୍ତ୍ରଣ ପ୍ରତିଷ୍ଠାନ (ସିଡିଏସ୍‌ସିଓ)ର ଦାୟିତ୍ୱ । ସେ କାମ ଡିଜିଏଫ୍ଟି କରିପାରିବ ନାହିଁ କିମ୍ବା ଏଥିପାଇଁ ଏହା ଅଧିକୃତ ନୁହେଁ । ତେଣୁ ଏ କ୍ଷେତ୍ରରେ ଥିବା ଦ୍ୱୈତ ମାନଦଣ୍ଡ ଓ ବ୍ୟବସ୍ଥାର ଅବସାନ ଘଟିବା ଉଚିତ । ଉଭୟ ଘରୋଇ ଓ ବିଦେଶୀ ବଜାର ପାଇଁ ଉତମମାନର ଔଷଧ ଯୋଗାଣକୁ ସରକାର ସୁନିଶ୍ଚିତ କରନ୍ତୁ । ଔଷଧପତ୍ରର ମୂଲ୍ୟ ଭାରତରେ ଅପେକ୍ଷାକୃତ ବହୁ ଅଧିକ । ସରକାର ବିଭିନ୍ନ ଜୀବନରକ୍ଷାକାରୀ ଔଷଧର ମୂଲ୍ୟକୁ ନିୟନ୍ତ୍ରଣରେ ରଖିଛନ୍ତି ବୋଲି କହୁଥିଲେ ମଧ୍ୟ ବଜାରରେ ସେ ସବୁ ସାଧାରଣ ଲୋକଙ୍କ ପାଇଁ ଦୁର୍ମୂଲ୍ୟ । ଇନ୍‌ସୁଲିନ୍ ଯାହା ଡାଇବେଟିସ୍ ପାଇଁ ଏକ ଅତ୍ୟାବଶ୍ୟକ ଔଷଧ, ତାହାର ମୂଲ୍ୟ ପ୍ରତି ମାସରେ ବଢୁଛି । ଯେଉଁ କ୍ରେତାମାନେ ଔଷଧ ପାଇଁ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରୁଛନ୍ତି, ସେମାନେ ନୟାନ୍ତ ହେଉଛନ୍ତି । ସରକାର ଜନଔଷଧୀ ବ୍ୟବସ୍ଥାରେ ବଜାର ଦରଠାରୁ ଯଥେଷ୍ଟ ଶସ୍ତାରେ ଲୋକଙ୍କୁ ଔଷଧ ଯୋଗାଇ ଦେଉଛନ୍ତି । ତେବେ ଏଥିରେ ସମସ୍ୟା ହେଲା ଡାକ୍ତରମାନେ ଯେଉଁ ଔଷଧ ଲେଖୁଛନ୍ତି, ତାହା ଜନଔଷଧୀ କେନ୍ଦ୍ରରେ ମିଳୁନାହିଁ । ଭାରତୀୟ ଭେଷଜ ବଜାରର ଅଭିବୃଦ୍ଧି ଦ୍ରୁତଗତିରେ ହେଉଛି । ୨୦୩୮ ସୁଦ୍ଧା ଏହାର କାରବାର ବାର୍ଷିକ ପ୍ରାୟ ୧୩୦ କୋଟି ଟଙ୍କାରେ ପହଂଚିବ ବୋଲି ଆକଳନ କରାଯାଉଛି । ଏଭଳି ସ୍ଥିତିରେ ଭାରତୀୟ ଔଷଧର ଗୁଣମାନ ଓ ମୂଲ୍ୟ କାହାରି ସହିତ ସାଲିସ କରାଯାଇ ନ'ପାରେ । ଏକ ପ୍ରକାରର ଔଷଧ ଉଭୟ ଦେଶବାସୀ ଓ ରପ୍ତାନୀ ବଜାର ପାଇଁ ଉପଲବ୍ଧ ହେବା ଆବଶ୍ୟକ ।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ ।

ମୋବାଇଲ (ହ୍ୱାଟସ୍‌ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# ବୟସ୍କଙ୍କ ହାତରେ ଖାଦ୍ୟ ନିରାପତା

ସୁଜିତ୍ କୁମାର ନାଥ

ଆନ୍ତର୍ଜାତିକ ଶ୍ରମ ସଂସ୍ଥାର ତଥ୍ୟ ଅନୁସାରେ (୨୦୨୦) ପୃଥିବୀର ଛବିଶ ପ୍ରତିଶତ ଜନସାଧାରଣ କୃଷିକ୍ଷେତ୍ର ସହ ଜଡ଼ିତ। ଆମ ଦେଶରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଅଠାବନ ପ୍ରତିଶତ ଏହି କ୍ଷେତ୍ର ସହ ସଂପୃକ୍ତ ଥିବାବେଳେ ଓଡ଼ିଶାରେ ଏହା ତେସ୍ତରି ପ୍ରତିଶତ ଅଟେ। ଗତ ଶତାବ୍ଦୀର ଶେଷ ଦଶନ୍ଧିରେ ଆରମ୍ଭ ହୋଇଥିବା ବଜାରୀକରଣ ଅର୍ଥନୀତିର ପ୍ରଭାବରେ ବହୁ କୃଷକ କୃଷି କ୍ଷେତ୍ରରୁ ମୁହଁ ଫେରାଇବା ଆରମ୍ଭ କରିଛନ୍ତି। ଭାରତ ସରକାରଙ୍କ ନିର୍ଭରଯୋଗ୍ୟ ପ୍ରତିଷ୍ଠାନ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥାର ରିପୋର୍ଟ ଅନୁସାରେ ୨୦୦୪-୦୫ରୁ ୨୦୧୧-୧୨ ମଧ୍ୟରେ ପ୍ରାୟ ଚଉରାଳିଶ ନିୟୁତ କୃଷକ ନିଜ ଜୀବିକା ଛାଡ଼ି ଅଣକୃଷି ଧନ୍ଦାକୁ ଗ୍ରହଣ କରିଛନ୍ତି। ୨୦୧୧ ମସିହାର ଜନସୁମାରି ଅନୁସାରେ ମଧ୍ୟ ପ୍ରତ୍ୟେକ ଦିନ ଦୁଇଶହ କୃଷକ ଚାଷ ଜମି ଛାଡୁଛନ୍ତି। କହିବା ବାହୁଲ୍ୟ, କୃଷି କ୍ଷେତ୍ରକୁ ଛାଡ଼ିବାର ନିଷ୍ପତି ନେଉଛନ୍ତି ମୁଖ୍ୟତଃ ଭାରତର ଯୁବ ସଂପ୍ରଦାୟ। ଗତ କରୋନା ମହାମାରୀବେଳର ପ୍ରବାସୀ ଶ୍ରମିକମାନଙ୍କ ଘରବାହୁଡ଼ା ଯାତ୍ରାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କେବଳ ଓଡ଼ିଶା ନୁହେଁ; ଦେଶର ପ୍ରତ୍ୟେକ କୋଣ ଅନୁକୋଣରେ ଥିବା ଯୁବଶକ୍ତି କୃଷି ପ୍ରତି ବିମୁଖ ହୋଇ ଅଧିକ ରୋଜଗାରର ଆଶାରେ ଅଣକୃଷି କ୍ଷେତ୍ରରେ କର୍ମସଂସ୍ଥାନ ସନ୍ଧାନରେ ନିଜ ଭିଟାମାଟି ଛାଡ଼ିଛନ୍ତି। ଅତଏବ, ଦେଶରେ ସୁଦୃଢ଼ ଖାଦ୍ୟର ନିରାପତା ବା ତିନିଶହ ନିୟୁତ ଟନ୍ ପରିମାଣର ରେକର୍ଡ ଖାଦ୍ୟଶସ୍ୟ ଉତ୍ପାଦନ ମୁଖ୍ୟତଃ ଏହି ବୟସ୍କ କୃଷକମାନଙ୍କ ଯୋଗୁଁ ସମ୍ଭବ ହୋଇଛି, ଏହା ଅନସ୍ୱୀକାର୍ଯ୍ୟ।

ସଂପ୍ରତି ସାରା ବିଶ୍ୱରେ କୃଷିକ୍ଷେତ୍ରର ଓ କୃଷକମାନଙ୍କର ମୌଳିକ ସମସ୍ୟାରେ ଅନେକ ସାମଞ୍ଜସ୍ୟ ରହିଛି। ପୃଥବୀର ଆଗୁଆ ରାଷ୍ଟ୍ର ଭାବେ ପରିଗଣିତ ତଥା ଆମ ଦେଶରେ ବର୍ତମାନ ସୁପରିଚିତ ଗ୍ରୁପ୍-୨୦ ସଦସ୍ୟ ରାଷ୍ଟ୍ରମାନଙ୍କ କୃଷିଜନିତ ଅବସ୍ଥିତିକୁ ଅନୁଶୀଳନ କରାଯାଉ। ଏହି ଗ୍ରୁପର ନିମ୍ନ ପାଞ୍ଚଟି ସ୍ଥାନରେ ରହୁଥିବା ଭାରତ, ଇଣ୍ଡୋନେସିଆ, ଚୀନ, ବ୍ରାଜିଲ, ଦକ୍ଷିଣ ଆଫ୍ରିକା ଦେଶର ଯଥାକ୍ରମେ ୪୨.୬, ୨୮.୫, ୨୫.୩, ୯.୧, ୫.୩ ପ୍ରତିଶତ ଶ୍ରମ ଶକ୍ତି କୃଷି କ୍ଷେତ୍ରରେ ନିୟୋଜିତ ଅଛନ୍ତି। ଅପରପକ୍ଷେ ଶୀର୍ଷରେ ଥିବା ପାଂଚଟି ଦେଶ ଯଥା ଅଷ୍ଟ୍ରେଲିଆ, ଫ୍ରାନ୍ସ, କାନାଡା, ଯୁକ୍ତରାଷ୍ଟ୍ର ଆମେରିକା, ଜର୍ମାନୀର ମୋଟ ଶ୍ରମଶକ୍ତିର ମାତ୍ର ୨.୬, ୨.୫, ୧.୫, ୧.୪ ଓ ୧.୨ ପ୍ରତିଶତ କୃଷିକ୍ଷେତ୍ରରେ ଅଛନ୍ତି। ଅର୍ଥାତ୍ କୃଷି କ୍ଷେତ୍ରରେ ଆନୁପାତିକ ଭାବେ କମ୍ ଲୋକ ନିୟୋଜିତ ରହିଥିବା ଦେଶ ହିଁ ବିଶ୍ୱରେ ଅଧିକ ସମୃଦ୍ଧ। ଅବଶ୍ୟ ଭାରତ ପରି ଜନବହୁଳ ରାଷ୍ଟ୍ରରେ କୃଷିକୁ ଅଣଦେଖା କରି ଅନ୍ୟ କ୍ଷେତ୍ରରେ ସଂଖ୍ୟାଧିକ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇବା ଅସମ୍ଭବ। ତେଣୁ ସବୁ ଜନବହୁଳ ରାଷ୍ଟ୍ରରେ କୃଷି ହିଁ ସିଂହଭାଗ ନାଗରିକଙ୍କର ମୁଖ୍ୟ ଜୀବିକା ହୋଇରହିବ। ତେବେ ଆମ ସମାଜ କୃଷିକୁ ଏକ ନିଷ୍ପ୍ରଭ, ଗୌଣ, ନ୍ୟୂନତର ପେସା ଭାବେ ଚିତ୍ରିତ କରିବା ପରେ ସାମାଜିକ ପ୍ରତିଷ୍ଠା ଓ ଅର୍ଥନୈତିକ ସ୍ୱାବଲମ୍ବନତା ପାଇଁ ଭାରତର ଯୁବସମାଜ ଅଣକୃଷି କ୍ଷେତ୍ର ଆଡ଼କୁ ଅଗ୍ରସର ହୋଇଛନ୍ତି। ସରକାରୀ ସ୍ତରରେ ମଧ୍ୟ ଭାରତରେ କାରିଗରୀ କୌଶଳ ବିଭାଗ ଖୋଲାଯାଇ ଯୁବକମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ମାଧ୍ୟମରେ ଶିଳ୍ପ, ନିର୍ମାଣ, ସେବା ଆଦି କ୍ଷେତ୍ରରେ ଅଧିକ ଆୟ ବିଶିଷ୍ଟ ରୋଜଗାର ଦିଆଯାଇପାରୁଛି। ତେଣୁ ସ୍ୱତଃପ୍ରବୃତଭାବେ ଗ୍ରାମୀଣ ଭାରତର ବୟସ୍କ ତଥା ଅସହାୟମାନେ ମୁଖ୍ୟତଃ କୃଷି କ୍ଷେତ୍ରକୁ ନିଜ ଜୀବିକା ଭାବେ ଗ୍ରହଣ କରିଛନ୍ତି। ପରିସଂଖ୍ୟାନରୁ ଜଣାଯାଏ, ଜଣେ ଭାରତୀୟ କୃଷକର ହାରାହାରି ବୟସ ୫୦.୧ ବର୍ଷ। କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟର ତଥ୍ୟ ମଧ୍ୟ କହେ ଦେଶର ୩୩.୭ ପ୍ରତିଶତ କୃଷକ ୪୧-୫୦ ବର୍ଷ ମଧ୍ୟରେ ଓ ୩୩.୨ ପ୍ରତିଶତ କୃଷକଙ୍କର ବୟସ ୫୧-୬୦ ବର୍ଷ ମଧ୍ୟରେ ଅଛି। ଜାତୀୟ ଯୁବନୀତି ଅନୁସାରେ ଭାରତୀୟ ଯୁବକଙ୍କ ବୟସ ୧୫ରୁ ୨୯ ବର୍ଷ ମଧ୍ୟରେ ହୋଇଥିବାବେଳେ, ଏହି ବୟସ ମଧ୍ୟରେ ଥିବା କୃଷକଙ୍କ ସଂଖ୍ୟା ଏଠାରେ ବହୁତ କମ୍। ଏପରି ସମସ୍ୟା କେବଳ ଆମ ଭାରତ ବର୍ଷରେ ସୀମିତ ନୁହେଁ, ଯୁକ୍ତରାଷ୍ଟ୍ର ଆମେରିକାରେ କୃଷକର ହାରାହାରି ବୟସ ୫୮ ବର୍ଷ ହୋଇଥିବାବେଳେ ଜାପାନରେ ୬୮ ବର୍ଷ। ସମୃଦ୍ଧଶାଳୀ ପାଶ୍ଚାତ୍ୟ ଦେଶମାନଙ୍କରେ କୃଷକର ହାରାହାରି ବୟସ ୬୫ ବର୍ଷରୁ କମ୍ ନୁହେଁ। ତେଣୁ ସାରା ବିଶ୍ୱର ଖାଦ୍ୟନିରାପତା ସଂପ୍ରତି ବୟସ୍କ କୃଷକମାନଙ୍କ ଦ୍ୱାରା ନିୟନ୍ତ୍ରିତ। ଅର୍ଥାତ୍ ଆମ କୃଷି କ୍ଷେତ୍ର ବର୍ତମାନ ଜରାଗ୍ରସ୍ତ ଓ ଏହା ଏକ ପ୍ରମୁଖ ବୈଶ୍ୱିକ ସମସ୍ୟା।

ସୁତରାଂ ପ୍ରଶ୍ନ ଉଠେ, ଭାରତ ପରି ବିଶାଳ ରାଷ୍ଟ୍ର ଯାହାର ଜନସଂଖ୍ୟା ୨୦୫୦ ମସିହା ବେଳକୁ ୧୭୦ କୋଟିକୁ ଅତିକ୍ରମ କରିବ, ଏ ବୟସ୍କମାନଙ୍କ କୃଷି ଉତ୍ପାଦନ ସମସ୍ତଙ୍କୁ କ'ଣ ସୁନିଶ୍ଚିତ ଖାଦ୍ୟ ଯୋଗାଇ ପାରିବ? ଆକଳନ ଅନୁସାରେ ୨୦୫୦ ମସିହା ବେଳକୁ ଆମ ରାଷ୍ଟ୍ରର ଖାଦ୍ୟଶସ୍ୟ ଚାହିଦା ୬୦ ପ୍ରତିଶତ ବୃଦ୍ଧି ପାଇଥିବ। ଖାଦ୍ୟଶସ୍ୟ ତୁଳନାରେ ପନିପରିବା, ଫଳ, ଦୁଗ୍ଧଜାତ ଖାଦ୍ୟ, ମାଂସ ଆଦିର ଚାହିଦା ବହୁଗୁଣିତ ହେବ। ଆମର ଉଦ୍ଭାବିତ ନୂତନ ଜ୍ଞାନକୌଶଳ ସେ ଚାହିଦାକୁ ପୂରଣ କରିବାରେ ସକ୍ଷମ ହେବ ତ? ଆମର କ୍ଷୁଦ୍ରାତିକ୍ଷୁଦ୍ର ଅଣଜଳସେଚିତ ଓ ଅସମାନ ଭୂମିରୂପେ ଥିବା ଜମିରେ କେଉଁ ଜ୍ଞାନକୌଶଳ ନେଇ ଜଣେ ଷାଠିଏ ବର୍ଷର ବୃଦ୍ଧ କୃଷକ ଆମ ଚାରି ଓଳି ଖାଦ୍ୟକୁ ଭବିଷ୍ୟତରେ ସୁନିଶ୍ଚିତ କରିପାରିବ; ଏହା ନିଶ୍ଚିତ ଭାବେ ଆଲୋଚ୍ୟ ପ୍ରସଙ୍ଗ। ପ୍ରକୃତିଗତ ଓ ମନୁଷ୍ୟକୃତ ସମସ୍ୟାରେ ଛନ୍ଦି ହୋଇ ରହିଥିବା କୃଷି କ୍ଷେତ କିପରି ଜଣେ ସାଧାରଣ ଓଡ଼ିଆ ଯୁବକର ରୋଜଗାରର ମାଧ୍ୟମ ହୋଇପାରିବ, ଆମର ବର୍ତମାନର ଯୋଜନା ସେ ସବୁଦିଗରେ କେତେ ଫଳପ୍ରସୂ ହେବ, ଏହା ଚିନ୍ତାର ବିଷୟ।

ଅବଶ୍ୟ ଆମ ଦେଶ ତଥା ରାଜ୍ୟ ସରକାରଗଣ ଇତି ମଧ୍ୟରେ ଏ ଦିଗରେ କିଛି ପଦକ୍ଷେପ ନେବା ଆରମ୍ଭ କଲେଣି। କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର ଚାରିଟି ଜିଲାର କୃଷି ବିଜ୍ଞାନକେନ୍ଦ୍ର ମାଧ୍ୟମରେ 'କୃଷି କ୍ଷେତ୍ରକୁ ଯୁବକମାନଙ୍କୁ ଆକର୍ଷଣ କରି ବାନ୍ଧିରଖିବା' (ଆର୍ଯ୍ୟା) ନାମରେ ଏକ କ୍ଷୁଦ୍ର ପରିଯୋଜନା ଗତ କେତେ ବର୍ଷ ହେଲା ଆରମ୍ଭ କରିଛନ୍ତି। ଆମ ରାଜ୍ୟ ସରକାରଙ୍କର ମହଦାକାଙ୍?କ୍ଷୀ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ଯୁବକମାନଙ୍କୁ କୃଷି ଉଦ୍ୟୋଗୀରେ ପରିଣତ କରିବା ଦିଗରେ ଅଭିପ୍ରେତ। ଏସବୁ ବ୍ୟତୀତ କୃଷକମାନଙ୍କ ସାହାଯ୍ୟ ପାଇଁ ପାରମ୍ପରିକ ଭାବେ କୃଷିକାର୍ଯ୍ୟର ବିଭିନ୍ନ ଦିଗରେ ସରକାରଙ୍କର ଆର୍ଥିକ ସହାୟତା ଓ ରିଆତି ରହିଛି କିନ୍ତୁ ଏହା ରାଜ୍ୟର ସମ୍ବଳରହିତ ୯୩ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର କୃଷି ପରିବାରର ଦାୟାଦମାନଙ୍କୁ ଠିକ୍ ଭାବରେ ଆକୃଷ୍ଟ କରିପାରୁଛି ତ? ରାଜ୍ୟର ଅବହେଳିତ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗର ସ୍ୱଳ୍ପ ସମ୍ବଳଧାରୀ ଯୁବକଗଣ ଏହାର ଲାଭ ଉଠାଇପାରୁଛନ୍ତି ତ? ୨୦୩୦ ମସିହା ବେଳକୁ ଭାରତର କେତେ ଯୁବଶକ୍ତି ନିଜକୁ କୃଷି କ୍ଷେତ୍ରରେ ସାମିଲ୍ କରିପାରିବେ ଓ ସେମାନେ ସମାଜର କେଉଁ ଅଂଶକୁ ପ୍ରତିନିଧିତ୍ୱ କରୁଥିବେ, ସେ ଯୋଜନାର ବ୍ଲୁ ପ୍ରିଂଟ୍ କାହିଁ? ସର୍ବନିମ୍ନ ପୁଞ୍ଜି ନଥିବା ଉପରୋକ୍ତ ବର୍ଗର ଯୁବକ ଯୁବତୀମାନଙ୍କ ପ୍ରତି ବ୍ୟାଙ୍କମାନଙ୍କ ମନୋଭାବ କ'ଣ, ସେ ବିଷୟରେ ସରକାର ଅବଗତ କି? କଳା, ସଂସ୍କୃତି, କ୍ରୀଡ଼ା, ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ଯୁବକ ସହ ସଫଳ ଯୁବ କୃଷକ କିପରି ସାମାଜିକ ସ୍ତରରେ ସମତୁଲ ହୋଇପାରିବ, ସେ ସମ୍ବନ୍ଧରେ ସରକାର କ'ଣ ଯୋଜନା କରିଛନ୍ତି? ଏସବୁ ପ୍ରଶ୍ନର ଉତରରେ ହିଁ ଆମ ଭବିଷ୍ୟତର କୃଷି ତଥା ଖାଦ୍ୟ ନିରାପତା ନିର୍ଭର କରେ। ବ୍ୟବସାୟୀ, ଓକିଲ, ଠିକାଦାର, ଚାକିରିଆ ଆଦି ବିଭିନ୍ନ ପେସାଦାରଙ୍କ ପରି କୃଷକ ସ୍ୱାବଲମ୍ବୀ ହୋଇ ସାମାଜିକ ସ୍ୱୀକୃତି ପାଇଲେ ହିଁ ତା'ର ପରପିଢ଼ି ଚାଷକୁ ଗ୍ରହଣ କରିବେ- ଏଥିରେ ସନ୍ଦେହ ନାହିଁ।ଏବେ ସାରା ବିଶ୍ୱର କୃଷି ବୟସ୍କଙ୍କ ଦ୍ୱାରା ପରିଚାଳିତ। ସେମାନଙ୍କୁ ନେଇ ଖାଦ୍ୟ ନିରାପତା ତଥା ପୁଷ୍ଟି ନିରାପତାର ରଙ୍ଗିନ ଚିତ୍ର କେତେ ଦିନ ଆମେ ସମାଜକୁ ଦେଖେଇ ପାରିବା- ତାହା ଏକ ବିରାଟ ପ୍ରଶ୍ନବାଚୀ। ଏଥିପାଇଁ ସମସ୍ତେ ବେଳହୁଁ ସାବଧାନ ହେବା ଉଚିତ୍।

## ମଣିଷଙ୍କୁ ବାର୍ଡ ଫ୍ଲୁ ସଂକ୍ରମଣ ହୋଇନି : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର , : ଏପର୍ଯ୍ୟନ୍ତ କୌଣସି ମଣିଷଙ୍କୁ ବାର୍ଡ ଫ୍ଲୁ ସଂକ୍ରମଣ ହୋଇନି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେଉଁ ସନ୍ଦିଗ୍ଧଙ୍କ ନମୁନା ପରୀକ୍ଷା ପାଇଁ ଯାଇଥିଲା, ତାହା ନେଗେଟିଭ ଆସିଛି । ନିରାକରଣ ଦୃଷ୍ଟିରୁ ଜଣଙ୍କୁ ଆଇସୋସଲେସନରେ ରଖାଯାଇଛି । ବାର୍ଡ ଫ୍ଲୁ ନେଇ ସ୍ୱାସ୍ଥ୍ୟ ବିଭାଗ ସଂପୂର୍ଣ୍ଣ



ସଜାଗ ରହିଛି । ଏଥିସହ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି । ବାର୍ଡ ଫ୍ଲୁକୁ ନେଇ ଆତଙ୍କିତ ନ ହେବାକୁ ପରାମର୍ଶ ଦିଆଯାଇଛି । ମନ୍ତ୍ରୀ ଆହୁରି କହିଛନ୍ତି ଯେ ବାର୍ଡ ଫ୍ଲୁକୁ ଦୃଷ୍ଟିରେ ରଖି ଇତି ମଧ୍ୟରେ ୩୦ ହଜାର କୁକୁଡ଼ାଙ୍କୁ ମରାଯାଇଛି । ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ବାବଦରେ ସରକାର ନିଷ୍ପତି ନେଇଛନ୍ତି । ଛୋଟ କୁକୁଡ଼ାକୁ ୨୦ ଓ ବଡ଼ କୁକୁଡ଼ାକୁ ୭୦ ଟଙ୍କା ମିଳିବ । ଅଣ୍ଡା ପିଛା ୩ଟଙ୍କା କ୍ଷତିପୂରଣ ଦେବାର ବ୍ୟବସ୍ଥା ହୋଇଛି । ଅଲଗା ଜିଲ୍ଲାକୁ କିପରି ନବ୍ୟାପିବ ବିଭାଗ ସଚେତନ ଅଛି । ନିମାପଡ଼ା ଓ ଡେଲାଙ୍ଗରୁ କୁକୁଡ଼ାଙ୍କ ନମୁନା ପଠାଯାଇଛି । ରିପୋର୍ଟ ଆସିଲେ ବାର୍ଡ ଫ୍ଲୁ ବ୍ୟାପିଛି କି ନାହିଁ ଜଣାପଡ଼ିବ ।

# ଉତ୍କଳ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ରିସର୍ଜେଂଟ ଓଡିଶା-୨୦୨୪

## ଓଡିଶାଏକ ସମ୍ଭାବନାର ରାଜ୍ୟ, ଏଠି ସମ୍ଭାବନା ଅଛି, ସୁଯୋଗ ମଧ ଅଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, : ଓଡିଶା ହେଉଛି ଏକ ସମ୍ଭାବନାର ରାଜ୍ୟ । ଏଠି ସମ୍ଭାବନା ଅଛି, ସୁଯୋଗ ମଧ ଅଛି । ଆମ ପାଖରେ ଖଣିଜ ସମ୍ପଦ ଭରପୁର ଅଛି । ତେଣୁ ନିର୍ମାଣର ବିଭିନ୍ନ କ୍ଷେତ୍ର ଯଥା ଅଟୋମୋବାଇଲ୍, ଅଟୋ କମ୍ପୋନେଣ୍ଟସ୍, ଡୋମେଷ୍ଟିକ ଆପ୍ଲିଆନସେସ୍, ଡିଫେନ୍ସ, ଏରୋ ସ୍ପେସ୍, ରିନ୍ୟୁଏବଲ ଏନର୍ଜି ଆଦି କ୍ଷେତ୍ରରେ ନିର୍ମାଣ ପାଇଁ ଆମ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଉତ୍କଳ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି' ଦ୍ୱାରା ଆୟୋଜିତ 'ରିସର୍ଜେଂଟ ଓଡିଶା-୨୦୨୪' କାର୍ଯ୍ୟକ୍ରମରେ କହିଛନ୍ତି । ଶୁକ୍ରବାର ଭୁବନେଶ୍ୱରସ୍ଥିତ ଜନତା ମୈଦାନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଥିବା ସମସ୍ତ ଶିଳ୍ପପତି, ପୁଞ୍ଜିନିବେଶକାରୀ ଓ ବିଭିନ୍ନ ଶିଳ୍ପାନୁଷ୍ଠାନର ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ୨୦୩୬ ମସିହା ଓ ୨୦୪୭ ମସିହା କୁ ନେଇ ଆମର ବିରାଟ ଲକ୍ଷ୍ୟ ରହିଛି । ସେଥିପାଇଁ ଆମ ଅର୍ଥନୀତିକୁ ବହୁତ ଆଗକୁ ନେବାକୁ ପଡିବ । ଆମ ପାଖରେ ସମସ୍ତ ପ୍ରକାର ଶକ୍ତି ଓ ସାମର୍ଥ୍ୟ ରହିଛି । ଏହି ଲକ୍ଷ୍ୟ ଆମେ ନିଶ୍ଚୟ ପୂରଣ କରିବୁ । ଏଥିପାଇଁ ଦୃଢ଼ ଇଚ୍ଛା ଶକ୍ତି ଦରକାର । ଆମ ସରକାର ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ । ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ପାଇଁ ସମସ୍ତଙ୍କ ସହଯୋଗ ଦରକାର ବୋଲି ସେ ଉପସ୍ଥିତ ଥିବା ଶିଳ୍ପପତି ଓ ଶିଳ୍ପାନୁଷ୍ଠାନର ପ୍ରତିନିଧିମାନଙ୍କୁ ଆହ୍ୱାନ କରିଥିଲେ । ଆଗାମୀ ଦିନରେ ଆମ ସରକାର ଡେଡିକେଟେଡ୍ ଇଣ୍ଡଷ୍ଟ୍ରିଆଲ କ୍ଲଷ୍ଟରର ବିକାଶ କରିବେ । ଏହା ଦ୍ୱାରା ଦେଶ ବିଦେଶର ନାମିଦାମୀ କମ୍ପାନୀମାନେ ଏଠି ଶିଳ୍ପ ପ୍ରତିଷ୍ଠା କରି



ପାରିବେ । ଆମକୁ ମୂଲ୍ୟଯୁକ୍ତ ଭିତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡିବ । ଆମ ସରକାର ଆସିବା ପାରେ ରାଜ୍ୟରେ ସେମିକଣ୍ଡକ୍ଟର ୟୁନିଟ୍ ସ୍ଥାପନ ପାଇଁ ଅନେକ ଶିଳ୍ପାନୁଷ୍ଠାନ ଆଗ୍ରହ ପ୍ରକାଶ କରିଛନ୍ତି । ଓଡିଶାରେ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ବ୍ୟାପକ ନିଯୁକ୍ତି ସୃଷ୍ଟି ହେଉଛି । ବୃହତ ସହିତ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଗୁଡିକର ଆଜିର ଦିନରେ ମଧ ସମାନ ଗୁରୁତ୍ୱ ରହିଛି । ଏଥି ସହିତ ଆମକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ଭୋକାଲ୍ ଫର୍ ଲୋକାଲ' ନୀତିକୁ ଗ୍ରହଣ କରିବାକୁ ପଡିବ । ଏହା ମାଧମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ପଡିବ । ନିଯୁକ୍ତି ସୁଯୋଗ ବୃଦ୍ଧି ହେଲେ ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ସେ କହିଥିଲେ । ସେ ଆହୁରି ମଧ କହିଥିଲେ ଯେ, ଓଡିଶା ହେଉଛି ଏକ କୃଷିପ୍ରଧାନ ରାଜ୍ୟ । ଏଠାରେ ୪ ଭାଗରୁ ୩ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି । ତେଣୁ କୃଷିଭିତିକ କ୍ଷୁଦ୍ର ଶିଳ୍ପ ଯେପରିକି 'ରାଇସ୍ ମିଲ୍ ପ୍ରତିଷ୍ଠା' ପ୍ରତି ସେ ଗୁରୁତ୍ୱ ଆରୋପ କରିଥିଲେ । ପ୍ରଧାନମନ୍ତ୍ରୀ ସଂସଦରେ କହିଛନ୍ତି ଯେ ବିକଶିତ ଭାରତ ରେଳଗାଡିରେ ଓଡିଶା ହେବ ପ୍ରଥମ ବଗି । ସେଥିପାଇଁ ଓଡିଶା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବଜେଟ୍ ରେ ଭିତିଭୂମି ବିକାଶ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଭିତିଭୂମି କ୍ଷେତ୍ରରେ ଆମେ ଆଜି ପଛୁଆ ନାହୁଁ, ଆଗକୁ ବଢ଼ିଛୁ । ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ରେଳ କରିଡରର ଯୋଜନା ରହିଛି । ବଡବିଲରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଆଠ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ହେବାକୁ ଯାଉଛି । ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ, କଳାହାଣ୍ଡି ଆଦି ଶିଳ୍ପାଂଚଳରୁ ବନ୍ଦର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଆମ ସରକାରଙ୍କ ପ୍ରସ୍ତାବ ରହିଛି । ଉପସ୍ଥିତ ସମସ୍ତ ଶିଳ୍ପପତି, ଉଦ୍ୟୋଗୀ ଓ ପୁଞ୍ଜିନିବେଶକାରୀଙ୍କୁ ଓଡିଶାରେ ପୁଞ୍ଜିନିବେଶ କରିବା ପାଇଁ ଆହ୍ୱାନ ଦେଇ ସେ କହିଥିଲେ ଯେ ଆଜି ଏଠାରେ ଡବଲ୍ ଇଞ୍ଜିନ ସରକାର ଆସିଛି । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍, ସବକା ବିକାଶ'କୁ ଆଧାର କରି ଆମକୁ ଆଗକୁ ବଢିବାକୁ ପଡିବ । ଶିଳ୍ପ ପ୍ରଗତି ସହିତ ଆମକୁ କର୍ପୋରେଟ୍ ସୋସିଆଲ ରେସ୍ ?ପନସିବିଲିଟି ମାଧମରେ ସେ ଅଞ୍ଚଳର ବିକାଶକୁ ମଧ ଦୃଷ୍ଟି ଦେବାକୁ ପଡିବ । ଆମେ ଯଦି ଶିଳ୍ପ ସହିତ ସଂପୃକ୍ତ ଅଞ୍ଚଳର ବିକାଶ ପ୍ରତି ଧ୍ୟାନ ଦେବା ତେବେ ଶିଳ୍ପ ପ୍ରତିଷ୍ଠା ପାଇଁ ଉପୁଜୁଥିବା ସମସ୍ୟାଗୁଡିକ ଆପେ ଆପେ ଦୂରେଇ ଯିବ ।

'ରିସର୍ଜେଣ୍ଟ ଓଡିଶା-୨୦୨୪' ଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ଆହୁରି ଅନେକ ଥର ଅନୁଷ୍ଠିତ ହେବ । ଓଡିଶାକୁ ଶିଳ୍ପ କ୍ଷେତ୍ରରେ ସମ୍ବୃଦ୍ଧିମନ୍ତ କରିବା ପାଇଁ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ରାଜ୍ୟରେ ଶିଳ୍ପ ବିକାଶର ଲକ୍ଷ୍ୟକୁ ସାକାର କରିବା ପାଇଁ ଆମ ସରକାର ଭିତିଭୂମିର ବ୍ୟାପକ ବିକାଶ କରିବାକୁ ପଦକ୍ଷେପ ଗ୍ରହଣ କରୁଛନ୍ତି । ଅନ୍ୟତମ ଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଲେ ଯେ ଆମ ମୁଖ୍ୟମନ୍ତ୍ରୀ ଓଡିଶାର ବିକାଶ ପାଇଁ ଚେଷ୍ଟାରତ ଅଛନ୍ତି । ଯେହେତୁ ଓଡିଶା ଏକ କୃଷିପ୍ରଧାନ ରାଜ୍ୟ, ଏଠାରେ ଅଧିକ କୃଷିଭିତିକ ଶିଳ୍ପ ପ୍ରତିଷ୍ଠା ପାଇଁ ସେ ଉପସ୍ଥିତ ଉଦ୍ୟୋଗୀ ଓ ପୁଞ୍ଜିନିବେଶକାରୀଙ୍କୁ ଆହ୍ୱାନ କରିଥିଲେ । ଏଥିପାଇଁ ରାଜ୍ୟ କୃଷି ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ । ରାଜ୍ୟରେ କୃଷି ଯନ୍ତ୍ରପାତି ଉତ୍ପାଦନ ଶିଳ୍ପ ପ୍ରତିଷ୍ଠା ଉପରେ ମଧ ସେ ଗୁରୁତ୍ୱ ଦେଇଥିଲେ । ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ପ୍ରଧାନମନ୍ତ୍ରୀ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ତାକୁ ବାସ୍ତବ ରୂପ ଦେବା ପାଇଁ ଆମ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି । ଶିଳ୍ପ କ୍ଷେତ୍ରରେ ବିକାଶ ପାଇଁ ବଜେଟ୍ ରେ ନୂଆ ନୂଆ ଯୋଜନା କରାଯାଇଛି । ଆମ ସରକାର ରାଜ୍ୟରେ ପୁଞ୍ଜିନିବେଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଗୁରୁତ୍ୱ ଦେଉଛନ୍ତି । ବିଭିନ୍ନ ସ୍ଥାନରେ ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କାମ ଆରମ୍ଭ ହୋଇଛି । ୨୦୩୬ ସୁଦ୍ଧା ଓଡିଶାକୁ ଶିଳ୍ପ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ସେ ଆହ୍ୱାନ କରିଥିଲେ ।

## ଆରମ୍ଭ ହେବ ସିଏମ୍ କିଷାନ ଯୋଜନା



### ଭୂମିହୀନ ଚାଷୀଙ୍କୁ ମିଳିବ ସାଢ଼େ ୧୨ ହଜାର ଟଙ୍କା

ଭୁବନେଶ୍ୱର, : ରାଜ୍ୟରେ ଖୁବ୍ ଶୀଘ୍ର ଆରମ୍ଭ ହେବ ସିଏମ୍ କିଷାନ ଯୋଜନା । ଏନେଇ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କେଭି ସିଂହଦେଓ ସୂଚନା ଦେଇଛନ୍ତି । ସେ କହିଛନ୍ତି, ବର୍ଷକୁ ୨ଟି କିସ୍ତିରେ କୃଷକମାନଙ୍କୁ ଦୁଇ ହଜାର ଲେଖାଏଁ ୪ ହଜାର ଟଙ୍କା ମିଳିବ । ଏହାଛଡ଼ା ଭୂମିହୀନ ଚାଷୀଙ୍କୁ ୩ଟି କିସ୍ତିରେ ମିଳିବ ୧୨,୫୦୦ ଟଙ୍କା । ସେ ଆହୁରି କହିଛନ୍ତି, ନୂଆ ଚାଷୀଙ୍କୁ ସାମିଲ ପାଇଁ ସିଏମ୍ କିଷାନ ପୋର୍ଟାଲରେ ଆବେଦନ କରିହେବ । ଯୋଗ୍ୟତା ଥାଇ ବି ଯେଉଁ ଚାଷୀମାନେ ପିଏମ୍ କିଷାନ ଯୋଜନାରୁ ବାଦ୍ ହୋଇଥିଲେ ସେମାନଙ୍କୁ ସାମିଲ ଲାଗି ବ୍ୟବସ୍ଥା କରାଯାଇଛି । ବିଧାନସଭାରେ ବାଲେଶ୍ୱର ସଦର ବିଜେପି ବିଧାୟକ ମାନସ ଦତ୍ତଙ୍କ ପ୍ରଶ୍ନରେ କୃଷି ମନ୍ତ୍ରୀ କେ.ଭି ସିଂ ଦେଓ ଏହି ଲିଖିତ ଉତ୍ତର ଦେଇଛନ୍ତି । ତେବେ ଏହାର ଶୁଭାରମ୍ଭ ତାରିଖର ଘୋଷଣା କରିନାହାନ୍ତି କୃଷି ମନ୍ତ୍ରୀ କେଭି ସିଂହଦେଓ ।

## ଖୁବଶୀଘ୍ର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ହେବେ : ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର, : ଖୁବଶୀଘ୍ର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ହେବେ । ଦ୍ୱନ୍ଦ୍ୱ ଦୂର କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି ପ୍ରଶ୍ନକାଳରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପୂର୍ବରୁ ଅଧ୍ୟାପକ ନିଯୁକ୍ତି ପାଇଁ ବିଶ୍ୱବିଦ୍ୟାଳୟ ଆଇନ ୨୦୨୦ ସଂଶୋଧନ କରାଯାଇ ଓପିଏସି ଦ୍ୱାରା ନିଯୁକ୍ତି ଦିଆଯାଉଛି । ଯାହା ଦ୍ୱାରା ୟୁଜିସି ଗାଇଡ଼ଲାଇନ ପରିପନ୍ଥୀ ଥିଲା । ୟୁଜିସି ଗାଇଡ୍‌ଲାଇନ ଅନୁସାରେ ବିଶ୍ୱବିଦ୍ୟାଳୟରେ କମିଟି ଗଠନ କରି ଅଧ୍ୟାପକ ନିଯୁକ୍ତି ଦେବା କଥା । କିଭଳି ଭାବେ ବିଶ୍ୱବିଦ୍ୟାଳୟ ଦ୍ୱାରା ଅଧ୍ୟାପକ ନିଯୁକ୍ତି ଦିଆଯିବ, ସେଥିପାଇଁ ଆଇନ ସଂଶୋଧନ କରିବା ସହ ୟୁଜିସିକୁ ପ୍ରସ୍ତାବ ଦିଆଯିବ । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସରିଛି । ସେ କହିଛନ୍ତି ଯେ, ବର୍ତମାନ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ୧୧୮୭ ଅଧ୍ୟାପକ ପଦବୀ ଖାଲି ପଡିଛି ।



ଏହାକୁ ପୂରଣ କରିବାକୁ ଗୃହରେ ଦୃଢୋକ୍ତି ପ୍ରକାଶ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ରାଜ୍ୟରେ ୪୩ ଟି ବିଶ୍ୱବିଦ୍ୟାଳୟ ରହିଛି । ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୧୮ ସରକାରୀ ଓ ୭ ଘରୋଇ ସମେତ ୨୫ ବିଶ୍ୱବିଦ୍ୟାଳୟ ଅଛି । ଦକ୍ଷତା ବିକାଶ ବିଭାଗ ଅଧୀନରେ ୩ ସରକାରୀ ଓ ୫ ଘରୋଇକୁ ମିଶାଇ ୮, ଗୋଟେ କୃଷି ବିଶ୍ୱବିଦ୍ୟାଳୟ, ୩ଟି ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ, ୟୁଜିସି ଅଧୀନରେ ୩ ଘରୋଇ ବିଶ୍ୱବିଦ୍ୟାଳୟ, କେନ୍ଦ୍ର ସରକାରଙ୍କ ଗୋଟେ ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟ, ଓଡ଼ିଆ ଭାଷା ବିଭାଗ ଅଧୀନରେ ଗୋଟେ ଓଡ଼ିଆ ବିଶ୍ୱବିଦ୍ୟାଳୟ ରହିଛି । ସେ କହିଛନ୍ତି ଯେ, ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୧୧ ବିଶ୍ୱବିଦ୍ୟାଳୟରେ କୁଳପତି ଅଛନ୍ତି । କେନ୍ଦୁଝର ଧରଣୀଧର ଓ ବିକ୍ରମ ଦେବ ଜୟପୁର ବିଶ୍ୱବିଦ୍ୟାଳୟ ଓଏସଡି ଜରିଆରେ ଚାଲିଛି । କାରଣ କୁଳାଧିପତି କୁଳପତି ଚୟନ କରନ୍ତି । କୁଳପତି ଚୟନ ନହେବା ଯାଏଁ ଓଏସଡି ଜରିଆରେ କାର୍ଯ୍ୟ ଚଳାଇବାକୁ କୁଳାଧିପତିଙ୍କ ନିର୍ଦ୍ଦେଶ ରହିଛି । ୟୁଜିସି ମାନ୍ୟତାକୁ ନେଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଅନେକ କଥା ଉଠିଥିଲା । ତେଣୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ସେହିପରି ବାରିପଦା ବିଶ୍ୱବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ।

# ମୁକୁଳି ପାରୁନି ବନ୍ଧକ ଜମି , ଦୁଃଖ ଭୋଗୁଛନ୍ତି ପରିବାର



କଳିଙ୍ଗନଗର : ନିଜ ଚାଷ ଜମିକୁ ବନ୍ଧକ ଦେଇ ବ୍ୟାଙ୍କରୁ ଋଣ ନେଇ ଥିବା ଜଣେ ଚାଷୀ ପାଇଁ ଏହି ଋଣ ଏବେ କାଳସାଜିଛି ।ଏମିତି ଏକ ଅଘଟଣ ଘଟିଯାଇଛି । ଋଣ ପରିଷୋଧ କରି ନିଜ ଚାଷ ଜମିକୁ ମୁକୁଳାଇବା ପାଇଁ ଚାଷୀ ଜଣକ ଯେତେ ଚେଷ୍ଟା କଲେ ମଧ , ବ୍ୟାଙ୍କ ଶାଖାର ଅସହଯୋଗ ଯୋଗୁଁ ସେସବୁ ସମ୍ଭବ ହୋଇ ପାରୁ ନ ଥିବା କାରଣରୁ , ପରିବାର ସଦସ୍ୟଙ୍କ ସହିତ ଚାଷୀ ଜଣକ ବଡ ଦୟନୀୟ ଅବସ୍ଥାରେ କାଳ କାଟୁଥିବା ଅଭି ଯୋଗ ହୋଇଛି । ଆବେଦନକାରୀ ୨୦୨୨ ମସିହାରେ ପୂନର୍ବାର ରେଜିଷ୍ଟାରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ଓ ମାତ୍ର କୌଣସୀ ସୁଫଳ ପାଇପାରି ନ ଥିବାରୁ , ଚଳିତ ବର୍ଷ ୨୦୨୪ ମସିହା ଅଗଷ୍ଟ ମାସରେ ତୃତୀୟ ଥର ପାଇଁ ଆବେଦନ କରିଥିବା କହିଛନ୍ତି । ଅନ୍ୟ ପକ୍ଷରେ ବ୍ୟାଙ୍କରେ ବନ୍ଧକ ପଡିଥିବା ଜମି ଖଣ୍ଡକ ବ୍ୟତୀତ ନରେନ୍ଦ୍ର ଙ୍କର ଅନ୍ୟ କୌଣସୀ ସମ୍ବଳ ନଥିବା କହିଛନ୍ତି , ନିଜ ଜମିକୁ ମୁକୁଳାଇବା ପାଇଁ ନରେନ୍ଦ୍ର ଯେତେ ଚେ଼ଷ୍ଟା କଲେ ମଧ, ବ୍ୟାଙ୍କ ଶାଖା ଏଥିରେ ଅସହଯୋଗ କରୁଥିବାରୁ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି । ନରେନ୍ଦ୍ରଙ୍କ କାନ୍ଧରେ ବନ୍ଧା ୫ଜଣ ପରିବାର ସଦସ୍ୟ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳୁଛି । ସୂଚନା ମୁତାବକ ଦାନଗଦି ବ୍ଲକ ନଛିପୁରା ପଞ୍ଚାୟତ ଖରଡାବନ୍ଧୀ ଗ୍ରାମର ସ୍ୱର୍ଗତ ବଳରାମ ସାହୁ , ଯାଜପୁର ଟାଉନସ୍ଥିତ ଭୂଉନ୍ନୟନ ବ୍ୟାଙ୍କ( ବର୍ତ୍ତମାନ ସି.ଏ. ଡି.ଏ) ଶାଖାରୁ ନିଜର ଏ ୫.୪୦ ଡିସମିଲ ଜମିକୁ ବନ୍ଧକ ଦେଇ ୬୦୦୦ ( ଛହଜାର ଟଙ୍କା) ୧୯୭୨ ମସିହାରେ ଋଣ କରିଥିଲେ । ଋଣ ଗ୍ରହୀତା ବଳରାମ ଙ୍କର ଅର୍ଥିକ ଅବସ୍ଥା ସ୍ୱଛଳ ନ ଥିବାରୁ , ଋଣ ପରିଷୋଧ କରି ପାରିନଥିଲେ ।ଫଳରେ ବ୍ୟାଙ୍କ ଶାଖା ପକ୍ଷରୁ ଉକ୍ତ ଜମିକୁ ନିଲାମ କରିବାପାଇଁ ୧୯୮୦ ଦଶକରେ ନିଲାମ ଘୋଷଣା କରିଥିଲେ । ମାତ୍ର ଜମିର ମୂଲ୍ୟ ତୁଳନାରେ ସମୁଳ ସୁଧ ଅଧିକ ହୋଇ ଥିବାରୁ କେହି ହେଲେ ନିଲାମୀ ଆକାରରେ ଉକ୍ତ ଜମିକୁ ନେଇ ନଥିଲେ । ଅନ୍ୟ ପକ୍ଷରେ ସ୍ୱର୍ଗତ ବଳରାମଙ୍କ ଉତ୍ତରାଧିକାରୀ ପୁତ୍ର ନରେନ୍ଦ୍ର କୁମାର ସାହୁ , ବ୍ୟାଙ୍କ ଶାଖାରେ ସମୁଳସୁଧ ପରିଷୋଧ କରି ନିଜ ଜମିକୁ ଫେରସ୍ତ ନେବା ପାଇଁ ଭୁବନେଶ୍ୱରସ୍ଥ ରେଜିଷ୍ଟାରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ରେଜିଷ୍ଟାରଙ୍କ କାର୍ଯ୍ୟାଳୟରୁ ଏ ସଂକ୍ରାନ୍ତୀୟ କାଗଜପତ୍ର ଦାଖଲ ପାଇଁ ସଂପୃକ୍ତ ଶାଖାକୁ ୨୦୨୦ ମସିହାରେ ଚିଠି କରାଯାଇ ଥିଲେ ମଧ ପ୍ରତ୍ୟୁତ୍ତର ମିଳିନଥିଲା । ଭୂଉନ୍ନୟନ ବ୍ୟାଙ୍କ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ନରେନ୍ଦ୍ର ଅନୁରୋଧ କରିଛନ୍ତି ।

## ମନ୍ତ୍ରୀଙ୍କୁ ଚିଠି ହୋଇନଥିବାରୁ ବାତିଲ ହେଲା ବ୍ଲକ୍‌ସ୍ତରୀୟ କୃଷି ପ୍ରଶିକ୍ଷଣ ଶିବିର, ବଦଳି ପରେ ବି ଚୌକି ଛାଡୁନାହାଁନ୍ତି କୃଷି ଅଧିକାରୀ

ଭଦ୍ରକ, : ଏହି ଜିଲାର ଧାମନଗର ବ୍ଲକ୍ କୃଷି କାର୍ଯ୍ୟାଳୟ ପରିସରରେ କୃଷି ଓ କୃଷକ ସଶକ୍ତକରଣ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ 'ଡିଜିଟାଲ ଫସଲ ସର୍ବେକ୍ଷଣ' ଶିବିର ପାଇଁ ବ୍ଲକ୍ କୃଷିବିଭାଗ ପକ୍ଷରୁ ଚଳିତମାସ ୨୧ ତାରିଖ ଚିଠି ନଂ ୪୦୦/ ୨୪ ରେ ସମସ୍ତ ପଂଚାୟତ ଲୋକ ପ୍ରତିନିଧିଙ୍କୁ ଅଧିକାରୀ ଚିଠି କରିଥିଲେ। ମାତ୍ର ଏହି ବୈଠକକୁ ଧାମନଗର ବିଧାୟକ ତଥା ରାଜ୍ୟ ମନ୍ତ୍ରୀ ମଣ୍ଡଳର ଗୁରୁତ୍ୱପୂର୍ଣ୍ଣ ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ନଜଣାଇ ଏହି ପ୍ରଶିକ୍ଷଣ ଶିବିର ବା ବୈଠକ କରାଯାଉଥିଲା। ଏ ନେଇ ମନ୍ତ୍ରୀଙ୍କ ସମର୍ଥକମାନେ କୃଷି ବିଭାଗ ଅଧିକାରୀଙ୍କୁ ଜଣାଇବା ପରେ ଏହି ବୈଠକ ବାତିଲ କରାଯାଇ ଚଳିତମାସ ୩୦ ତାରିଖକୁ ଘୁଂଚାଇ ଦିଆଯାଇଛି। ତେବେ ସବୁଠାରୁ ବଡକଥା ହେଲା ବ୍ଲକ୍ କୃଷି ଅଧିକାରୀ ଭାସ୍କର ଚନ୍ଦ୍ର ଦାସ ଦୀର୍ଘବର୍ଷ ହେବ ଧାମନଗର ବ୍ଲକ୍‌ରେ ରହିଥିଲେ ମଧ ସାଧାରଣ ଲୋକ ଓ ଚାଷୀଙ୍କ କଥା ବୁଝୁନାହାଁନ୍ତି। ବର୍ଷେ ହେବ ବାବୁଙ୍କର ବଦଳି ହୋଇଥିଲେ ମଧ ସେ ଗାଦି ମାଡି ବସିଛନ୍ତି। ନିଜ ଇଚ୍ଛାରେ ହିଁ ସବୁ କାମ କରୁଛନ୍ତି। ଗୁରୁବାର ଦିନ କୃଷି ଅଧିକାରୀ ଶ୍ରୀ ଦାସ ପ୍ରଶିକ୍ଷଣ ଶିବିର କରିଥିବାବେଳେ ଅଧିକାଂଶ ଅଧିକାରୀ ଓ ଚାଷୀ ଅନୁପସ୍ଥିତ ଥିଲେ। ପ୍ରକାଶ ଥାଉକି ଡିଜିଟାଲ ଫସଲ ସର୍ବେକ୍ଷଣ ଦ୍ୱାରା ପ୍ରକୃତ ଚାଷୀ ଓ ଜମି ଚିହ୍ନଟ ହେବା, ଜମିର କିସମ ସଂପର୍କରେ ସୂଚନା ମିଳିବା, ବନ୍ୟା କିମ୍ୱା ମରୁଡି ହେଲେ ଚାଷର କ୍ଷୟକ୍ଷତିର ହିସାବ ସହ ଇନପୁଟ ସବସିଡି ଦେବାରେ ସହାୟକ ଇତ୍ୟାଦି ସ୍ୱଷ୍ଟ ହୋଇପାରିବ। ସାଟେଲାଇଟ୍ ଜରିଆରେ ଜମିର କିସମ ଚିହ୍ନଟ ପ୍ରକ୍ରିୟାର ଡିଜିଟାଲ ସର୍ବେକ୍ଷଣ କରାଯାଇ ଖରିଫ ଧାନଚାଷ ବ୍ୟତୀତ ଜମିରେ ଅନ୍ୟ ଚାଷର ସୂଚନା ମିଳିବା ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥାଏ। ମାତ୍ର କୃଷି ଅଧିକାରୀ ଶ୍ରୀ ଦାସ ସେଥିପ୍ରତି ଦୃଷ୍ଟି ନଦେଇ ସମସ୍ତ ସମସ୍ୟାର ସମାଧାନ କ୍ଷେତ୍ରରେ ନିଜେ ସମ୍ମୁଖୀନ ନହୋଇ ଚାଷୀମାନଙ୍କୁ ଅତିରିକ୍ତ କୃଷି ଅଧିକାରୀଙ୍କୁ ଭେଟିବାକୁ କହୁଛନ୍ତି। ତେବେ ଅତିରିକ୍ତ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ ବଡ ବାବୁଙ୍କ ଠାରୁ ଆଉ ପାଦେ ଆଗରେ। ତାଙ୍କର ମନମୁଖୀ କାର୍ଯ୍ୟ ଯୋଗୁଁ ଚାଷୀଙ୍କ ସମସ୍ୟା ବଢିଚାଲିଛି। ସୂଚନା ଅନୁଯାୟୀ ଏହି ବ୍ଲକ୍‌ରେ ମୋଟ ୩୧ଟି ପଂଚାୟତରେ ଖରିଫ ଋତୁରେ ଶସ୍ୟ ଓ ଅଣଶସ୍ୟ ବାବଦ ମୋଟ ୧୭ ହଜାର ୧୩୦ ହେକ୍ଟର ଚାଷ ଲକ୍ଷଧାର୍ଯ୍ୟ କରାଯାଇଥିବାବେଳେ ଏପର୍ଯ୍ୟନ୍ତ ତାହା ପୂରଣ ହୋଇପାରିବା ତ ଦୂରର କଥା ଏବେବି ଶହ ଶହ ଏକର ଚାଷଜମି ରୁଆ ପୋତା ହୋଇନାହିଁ। ତେବେ ବିଭାଗ ପକ୍ଷରୁ ସେଭଳି ସଚେତନତା ଅଭାବରୁ ଚାଷଜମି ପଡିଆ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି।

## ଲଗାଣ ବର୍ଷାରେ ୨ଟି ଘର ଭାଙ୍ଗିଲା



ଜୟପୁର : ଜୟପୁର ରେ ଲଗାଣ ବର୍ଷା ଜାରି ରହିଛି । ଗତ ୨୪ ଘଣ୍ଟା ଭିତରେ ୯୯.୪ ମିମି ବର୍ଷା ରେକର୍ଡ କରାଯାଇଛି । ବର୍ଷାରେ ଫୁପୁଗାଁ ପଞ୍ଚାୟତର ଖୁଣ୍ଟଗୁଡା ଗ୍ରାମର ବୈଦି ନାୟକ, ଜାମୁଣ୍ଡା ପଞ୍ଚାୟତ କୁମ୍ଭାରଗୁଡା ସୁକୁଲ ଦେଇ ହରିଜନ ଙ୍କ ଘର ଭାଙ୍ଗିଛି । ଏନେଇ ଜୟପୁର ତହିସିଲ କାଯ୍ୟାଳୟ ତରଫରୁ ସୁଚନା ଦିଆଯାଇଛି ।

# କୋଷାଗୁମୁଡା ପଂଚାୟତ ସମିତି ଟଙ୍କା ଏପଟ ସେପଟ ହୋଇଥିବାରୁ ସିବିଆଇ ତଦନ୍ତ ପାଇଁ ଦାବି




ନବରଙ୍ଗପୁର : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକରେ ରହିଛି ମୋଟ ୨୬ଟି ପଂଚାୟତ ଓ ୨୬ଟି ପଂଚାୟତ ରେ ୨୬ଜଣ ନିର୍ବାଚିତ ସମିତି ସଭ୍ୟ ମଧ ଅଛନ୍ତି ।ପ୍ରତିବର୍ଷ ବ୍ଲକରେ ଆସୁଥିବା ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ସବୁ ପଂଚାୟତର ସରପଞ୍ଚ, ପି ଇ ଓଏବଂ ୱାର୍ଡ ସଭ୍ୟମାନେ ଭାଗବଣ୍ଟା କରୁଥୁବା ବେଳେ ସମିତି ସଭ୍ୟମାନେ ଆଃ କରି ଅନେଇ ରହୁଛନ୍ତି । ସେମାନଙ୍କୁ କୌଣସି କାର୍ଯ୍ୟ ଦିଆଯାଉନାହିଁ ନାମକୁ ମାତ୍ର ପଂଚାୟତ ସମିତି ସଭ୍ୟ ସଭ୍ୟା ଭାବେ ରହୁଛନ୍ତି ।ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ଅଣଦେଖା କରାଯାଉଛି। ସାଧାରଣ ନିର୍ବାଚନ ପୂର୍ବ ରୁ କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟ ଠାରେ ବ୍ଲକର ସମସ୍ତ ସମିତି ସଭ୍ୟ ସଭ୍ୟା ମାନଙ୍କୁ ନେଇ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ , ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝୀ,ବ୍ଲକ ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ ଉପସ୍ଥିତ ରହି ସେମାନଙ୍କ ପଂଚାୟତ ସ୍ତରୀୟ ସମସ୍ୟା ଗୁଡିକୁ ବୁଝିଥିଲେ ।ସେମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ପ୍ରତି ପଂଚାୟତର ସମିତି ସଭ୍ୟ ସଭ୍ୟା ମାନଙ୍କୁ ଗୋଟିଏ ଲେଖାଏ କାମ ଯୋଗେଇ ଦେବାର ନିଷ୍ପତି ନିଆଯାଇଥିଲା ଏବଂ ରେଜୁଲେସନ ମଧ କରାଯାଇଥିଲା। ପରବର୍ତୀ ସମୟରେ ସ୍ତରୀକୃତ ରେଜୁଲେସନ କୁ ଆଧାର କରି କୋଷାଗୁମୁଡା ବ୍ଲକ ବିଡ଼ିଓ ପଂଚାୟତ ସମିତି ବୈଠକ ରେ ସ୍ଥିରୀକୃତ ତାଲିକା ପ୍ରସ୍ତୁତ କରି ସିଡିଓଙ୍କୁ ୧୧/୧୨/ ୨୦୨୩ ପତ୍ର ସଂଖ୍ୟା -୨୬୧୦ ଦିନ ଏକ ପତ୍ର କରିଥିଲେ । ଉକ୍ତ ପତ୍ରରେ ବ୍ଲକର ପ୍ରତ୍ୟେକ ପଂଚାୟତକୁ ସାମିଲ କରାଯାଇଥିଲା ଓ ପ୍ରତ୍ୟେକ କାର୍ଯ୍ୟ ପାଇଁ ଏସ.ଏଫ୍.ସି, ଓଆରଏସ ଅନ୍ୟ ଫଣ୍ଡରୁ ୨୦୨୩- ୨୦୨୪ ବର୍ଷ ପାଇଁ ଅଟକଳ ମୂଲ୍ୟ - ୩୭୩୮୪୮୮ ଟଙ୍କା ମଞ୍ଜୁର କରିବାକୁ ଅନୁରୋଧ କରିଥିଲେ । କିଛି ସମିତି ସଭ୍ୟ ନିଜ ପଂଚାୟତ ପାଇଁ ପ୍ରସ୍ତାବିତ ହୋଇଥିବା କାମ ମିଳିବ ଜାଣି ଆଗତରା ହାତରୁ ଟଙ୍କା ଖର୍ଚ୍ଚ କରି କାମ ସବୁ ଆରମ୍ଭ କରିଦେଇଥିବା ବେଳେ ଏବେ ସବୁ ଅଲଟା ପାଲଟିଥିବା ଖବର ସାମ୍ନା କୁ ଆସିଛି। ବିଡିଓଙ୍କ ପଠାଇ ଥିବା ପତ୍ର କୁ ଖାରଜ କରି ନୂତନ ଭାବେ କିଛି ନିର୍ଦ୍ଦିଷ୍ଟ ପଂଚାୟତରେ ହିଁ ନୂତନ ଅଟକଳ ମୂଲ୍ୟ ବାବଦକୁ କାମ ଆରମ୍ଭ କରିବା ପାଇଁ ଓଡିଶା ସରକାର ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଙ୍କ ଦ୍ୱାରା ୧୫/ ୧୨/୨୦୨୩ ଦିନ ଚିଠି ସଂଖ୍ୟା - ୨୮୯୯୨ ଏକ ନୂତନ ନିର୍ଦ୍ଦେଶନାମା ଜାରି ହୋଇଛି ଓ ସେ କାର୍ଯ୍ୟସବୁ ଆରମ୍ଭ କରି ଶେଷ ହୋଇଥିବା ଦେଖିବାକୁ ମିଳିଛି ଓ କିଛି କାମ ଆରମ୍ଭ ହିଁ ହୋଇନାହିଁ । ପୂର୍ବ ରୁ ପ୍ରସ୍ତାବିତ କାର୍ଯ୍ୟ ଆରମ୍ଭ କରିଥିବା ସମିତି ସଭ୍ୟମାନେ ବ୍ୟୟ କରିଥିବା ଟଙ୍କା କେମିତି ଭରପାଇ କରିବେ ତାକୁ ନେଇ ବର୍ତମାନ ଚିନ୍ତାରେ ପଡି ଯାଇଛନ୍ତି । ଯାହାକୁ ନେଇ ବ୍ଲକ ର ସମସ୍ତ ସମିତି ସଭ୍ୟ ମିଳିତ ଭାବେ ଜିଲ୍ଲାପାଳ ଙ୍କୁ ଲିଖିତ ଅଭିଯୋଗ କରିଥିଲେ ଆଜିପର୍ଯ୍ୟନ୍ତ କିଛି ତଦନ୍ତ ହୋଇନଥିବା ସୂଚନା ଜଗ୍ୟ। ଉପର ସ୍ତରରୁ ପାସ ହୋଇକି ଆସିଥିବା ତାଲିକାରେ କୋଷାଗୁମୁଡା ବ୍ଲକର ମାତ୍ର ୫ଟି ପଂଚାୟତ (କୋଷାଗୁମୁଡା, ପଣ୍ଡୁଗୁଡା, ଚିରାମା, ସେମଲା ଓ ବି.ଏମ.ସେମଲା) ର ହିଁ ନାମ ତାଲିକା ରେ ରହିଛି ଓ ପ୍ରତ୍ୟେକ କାର୍ଯ୍ୟ ପାଇଁ ୬ ରୁ ୮ ଲକ୍ଷ ଲେଖାଏ ଟଙ୍କା ମଂଜୁର ହୋଇଛି ଯାହାକୁ ନେଇଁ ଏବେ ସମିତି ସଭ୍ୟ ସଭ୍ୟାଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରୁଥିବା ଦେଖିବାକୁ ମିଳୁଛି । ବିଡ଼ିଓ ଙ୍କ ବିନା ଅନୁମତି ରେ ସମିତି ସଭ୍ୟ ସଭ୍ୟା ଙ୍କ ଅଜାଣତ ରେ ଏହା କେମିତି ହେଲା ? ଏହାର ପଛ ରେ କାହାର ମୁଖ୍ୟ ଭୂମିକା ରହିଛି ? ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ହୋଇ ରହିଯାଇଛି । ତେଣୁ ବର୍ତମାନ ର ନୂତନ ସରକାର ଏହାର ଉଚ୍ଚ ସ୍ତରୀୟ ସିବିଆଇ ତଦନ୍ତ କରିବାକୁ ସମସ୍ତ ସମିତି ସଭ୍ୟ ସଭ୍ୟା ଏବଂ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ପାଖେ ପୁନର୍ବାର ଦାବୀ କରୁଛନ୍ତି ।

# ସତ୍ୟବାଦୀ ଖବର

## ଆଳିସ ଅଗ୍ନିକାଣ୍ଡରେ ଜଳିଗଲା କୋଡ଼ିଏ ବଖରା ଘର



ସତ୍ୟବାଦୀ (ଦୁର୍ଗେଶ ପ୍ରସାଦ ମିଶ୍ର): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଆଳିସ ପଞ୍ଚାୟତ ର ଆଳିସ ଗ୍ରାମରେ ଗତ ସୋମବାର ମଧ୍ୟରାତ୍ରିରେ ଅଗ୍ନିକାଣ୍ଡ ଘଟି ବାରଟି ପରିବାରର କୋଡ଼ିଏ ବଖରା ଘର ଜଳି ପୋଡ଼ି ପାଉଁଶ ହୋଇ ଯାଇଛି। ଖବର ପାଇ ସାକ୍ଷୀଗୋପାଳ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ପାଖାପାଖି ପନ୍ଦରଟି ସାଇକେଲ, ତିନୋଟି ମଟର ସାଇକେଲ ଓ ବସ୍ତା ବସ୍ତା ଧାନ ସହ ବହୁ ଆସବାବପତ୍ର ତଥା ଚାଳଘର ଗୁଡିକ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଛି, ଏହି ଅଗ୍ନିକାଣ୍ଡରେ ଜଣେ ଗୁରୁତର ଆହତ ହେବା ସହ ତିନୋଟି ଗୋରୁ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି। ଖବର ପାଇ ସତ୍ୟବାଦୀ ବ୍ଲକ୍ ଓ ତହସିଲ୍ କର୍ମକର୍ତ୍ତା ମାନେ ସେଠାରେ ପହଞ୍ଚି ସ୍ଥିତି ଆକଳନ କରିବା ସହ ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ଓମ ପ୍ରକାଶ ମିଶ୍ର, ସାଂସଦ ଡଃ ସମ୍ବିତ ପାତ୍ର ପହଞ୍ଚି ପିଡୀତ ମାନଙ୍କ ଅବସ୍ଥା ବୁଝିଥିଲେ ଓ ପ୍ରଶାସନକୁ ସହାୟତାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ସେହିଭଳି ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଉମାକାନ୍ତ ସାମନ୍ତରାୟ, ଶ୍ରୀଯୁକ୍ତ ରମା ରଞ୍ଜନ ବଳିଆର ସିଂହ, ଶ୍ରୀଯୁକ୍ତ ପ୍ରସାଦ ହରିଚନ୍ଦନ ତଥା ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁନୀଲ କୁମାର ପଣ୍ଡା , ସମାଜର ପ୍ରକାଶକ ଡଃ ପ୍ରଭାସ ଆଚାର୍ଯ୍ୟ ପ୍ରମୁଖ ପହଞ୍ଚି ଦୁଃଖ ଦୁର୍ଦ୍ଦଶା ବୁଝିବା ସହ ସହାୟତାର ହାତ ବଢ଼ାଇଥିଲେ।

## କୃଷକ କର୍ମଶାଳା ଓ ସଚେତନତା ଶିବିର

ସତ୍ୟବାଦୀ, (ଦୁର୍ଗେଶ ପ୍ରସାଦ ମିଶ୍ର): ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ରରେ ଉଦ୍ଭିଦ କିସମ ଓ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ଉପରେ ଏକ କର୍ମଶାଳା ଶ୍ୱିର ଗତ ୨୭-୦୮-୨୦୨୪ ରିଖ ବୁଧବାର ଦିନ ଅନୁଷ୍ଠିତ ସୋଇ ଯାଇଛି। ବୈଜ୍ଞାନିକ ଡଃ ପିକେ ମିଶ୍ର ଏହାକୁ ଉଦଘାଟନ କରିଥିବା ବେଳେ ବୈଜ୍ଞାନିକ ଡଃ ଏସଏନ୍ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ବୈଜ୍ଞାନିକା ସୁମିତ୍ରା ଆଚାର୍ଯ୍ୟ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ। ସତ୍ୟବାଦୀ ଅଞ୍ଚଳର ଅନେକ ଚାଷୀ ଏହି କର୍ମଶାଳାରେ ଯୋଗଦେଇ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟତଃ ବିହନ ଉତ୍ପାଦନ ଓ ସଂରକ୍ଷଣ ତଥା ବିଲୁପ୍ତ ବିହନ ସଂଗ୍ରହ କରି ରଖିଥିବା ଚାଷୀ ମାନଙ୍କୁ ଦିଆ ଯାଉଥିବା ସହାୟତା ଓ ପ୍ରୋତ୍ସାହନ ର ସୁବିଧା ନେବା ପାଇଁ କୃଷି ବିଜ୍ଞାନ କେନ୍ଦ୍ରରେ ନିଜର ନାମ ପଂଜିକରଣ କରିବା ପାଇଁ ଚାଷୀ ମାନଙ୍କୁ ବକ୍ତା ମାନେ ପରାମର୍ଶ ଦେଇଥିଲେ। ଚାଷୀ ମାନେ ନିଜ ବିଲରେ ବିହନ କିସମ ଉତ୍ପାଦନ କରି ଆତ୍ମନିର୍ଭରଶୀଳ ହେବା ଓ ପରବର୍ତ୍ତୀ ପିଢ଼ିକୁ କୃଷିକ୍ଷେତ୍ରକୁ ଆକୃଷ୍ଟ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ମତାମତ ରଖିଥିଲେ। ଏହି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରୁ ଡଃ ପ୍ରଦିପ ଦେ, ଆରଆର ବର୍ମନ, ଡଃ ଗୈତମ ସାହା, ଡଃ ଟି ମହାପାତ୍ର, ଡଃ ପିକେ ରାଉଳ, ଡଃ ରବିପ୍ରକାଶ ଓ ଡଃ ଡି ପରମଜିତା ନିଜ ନିଜ ବକ୍ତବ୍ୟରେ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ।

## ସାକ୍ଷୀଗୋପାଳ ମନ୍ଦିରରେ ଜନ୍ମାଷ୍ଟମୀ ନନ୍ଦଉତ୍ସବ ଓ କାଳୀୟଦଳନ ଏକାଦଶୀ ଉତ୍ସବ ପାଳିତ






ସତ୍ୟବାଦୀ (ଦୁର୍ଗେଶ ପ୍ରସାଦ ମିଶ୍ର): ଗତ ଅଗଷ୍ଟ ତା ୨୬ ତାରିଖ ଦିନ ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ କୁଞ୍ଜବିହାରୀ ପ୍ରଭୂ ଶ୍ରୀ ଗୋପାଳଙ୍କ ଜନ୍ମାଷ୍ଟମୀ ଉତ୍ସବ, ୨୭ ତାରିଖ ଦିନ ନନ୍ଦୋତ୍ସବ ଓ ଗତ ୨୯ ତାରିଖରେ କାଳୀୟଦଳନ ଏକାଦଶୀ ଉତ୍ସବ ପାରମ୍ପରିକ ନିତି ନିୟମ ସହ ପାଳିତ ହୋଇ ଯାଇଛି। ଏହି ଅବସରରେ ସାକ୍ଷୀଗୋପାଳ ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଥିବା ବେଳେ ସତ୍ୟବାଦୀ ଅଞ୍ଚଳରେ ଥିବା ବିଭିନ୍ନ ଗ୍ରାମର ଗୋପୀନାଥ ଓ ରାଧାକୃଷ୍ଣ ମନ୍ଦିର ଗୁଡିକରେ ମଧ୍ୟ ଏହି ପର୍ବ ମହାସମାରୋହରେ ପାଳିତ ହୋଇ ଯାଇଛି। ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ତରଫରୁ ତିନିଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମାନ ପରିବେଷଣ କରାଯାଇଥିଲା।

## ସରକାରୀ ଜମିରୁ ଦିନ ଦ୍ୱିପ୍ରହରରେ ତାଡ଼ି ନେଉଛନ୍ତି ବାଲି ! ପ୍ରଶାସନ ନିରବଦ୍ରଷ୍ଟା

ପୁରୀ/ବ୍ରହ୍ମଗିରି(ଭିଓଭି): ବାଲି ମାଫିଆ ମାନେ ସରକାରୀ ଜମିରୁ ଦିନ ଦ୍ୱିପ୍ରହରରେ ବାଲି ତାଡି ନେଇ କୃତ୍ରିମ ନଦୀ ବନେଇ ସାରିଲେଣି, ହେଲେ ପ୍ରଶାସନ ସାଜିଛି ନିରବ ଦ୍ରଷ୍ଟା। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ୍ ଚାପମାଣିକ ପଂଚାୟତ ଅନ୍ତର୍ଗତ ସିପ ସରୁବାଲି ମୌଜାରେ। ବାଲି ହରଚଣ୍ଡି ନିକଟ ମୋଟ ଗ୍ରାମ ଆଦର୍ଶ ବିଦ୍ୟାଳୟ ଏବଂ କାଶିଝରିଆ ଗ୍ରାମ ମଧ୍ୟବର୍ତି ଅଂଚଳରେ ପ୍ରାୟ ୫୫ ଏକର ସରକାରୀ ଜମି ରହିଅଛି। ସେଥିମଧ୍ୟରୁ ପ୍ରାୟ ପାଂଚ ଏକର ଜମିରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯାଇଥିବା ବେଳେ ଅବଶିଷ୍ଟ ଜମିକୁ ଜମି ମାଫିଆ ମାନେ ନିଜ ନିଜ ମଧ୍ୟରେ ବାଂଟି ନେଇ ବର୍ତମାନ ସେହି ସବୁ ଜମିରୁ ବାଲି ତାଡ଼ି ବିକ୍ରି କରିବା ଆରମ୍ଭ କରି ଦେଲେଣି। ଦିନ ଦ୍ୱିପ୍ରହରରେ ଶହ ଶହ ଟ୍ରାକ୍ଟର ବାଲି ବୁହା ଚାଲିଛି। ଫଳରେ ଉକ୍ତ ଯାଗାରେ ଏକ ବିରାଟ ନଦୀ ଆକାରର ଗର୍ତ ସୃଷ୍ଟି ହୋଇ ଗଲାଣି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ଜେସିବି ଏବଂ ଟ୍ରାକ୍ଟର ଲାଗି ଦିନରେ ଯେତିକି ବାଲି ବୁହା ଯାଉଛି ତାତିରେ ତାଠାରୁ ଅଧିକ ବାଲି ବୁହା ଯାଉଛି। ସାରା ରାତି ବାଲି ବୁହା ଚାଲିଛି। ବାଲି ତାଡି ନେଇ ମାଫିଆ ମାନେ ସେଠାରେ ଏକ ନଦୀ ବନେଇ ସାରିଲେଣୀ। ଉକ୍ତ ସ୍ଥାନ ଯାଉଁ, ଆକାଶିଆ କାଜୁ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ମାଫିଆ ମାନେ ସେହି ସବୁ ଗଛ କାଟିନେବା ପରେ ସେଠାରୁ ବାଲି ତାଡି ନେଉଛନ୍ତି। ଏହା ଦ୍ୱାରା ପରିବେଶ ସନ୍ତୁଳନ ନଷ୍ଟ ହେବା ସହିତ ଜୈବ ବିବିଧତା ମଧ୍ୟ ପ୍ରଭାବିତ ହେବାର ବହୁ ଆଶଙ୍କା ଦେଖା ଦେଲାଣି। ବାଲି ମାଫିଆ ମାନେ ସ୍ଥାନୀୟ ଅଂଚଳର ଗୁଣ୍ଡା ଶ୍ରେଣୀୟ ହୋଇଥିବାରୁ ନିଜ ଜୀବନ ଭୟରେ ସାଧାରଣ ଲୋକ ମାନେ ସେମାନଙ୍କୁ କିଛି କହିବାକୁ ସାହସ କରୁନାହାନ୍ତି। ମାତ୍ର ସ୍ଥାନୀୟ ପୋଲିସ୍, ରାଜସ୍ୱ ନିରିକ୍ଷକ ଏବଂ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସେମାନେ ସବୁ ଜାଣିକି ବି କିଛି ନଜାଣିଲା ଭଳି ବିଭିନ୍ନ ବାହାନା ଦେଖାଇ ଚୁପ୍ ରହୁଛନ୍ତି। ଏପରି ବାଲି ଚୋରୀକୁ ଯଦି ତୁରନ୍ତ ରୋକା ନଯାଏ ତେବେ ପରବର୍ତୀ ସମୟରେ ଏକ ବିରାଟ ପରିବେଶ ଅସନ୍ତୁଳନ ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ତରନ୍ତ ଉକ୍ତ ଜମିରୁ ବାଲି ଚୋରୀକୁ ବନ୍ଦ କରାଯାଇ ସେଠାରେ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ସରକାର ପଦକ୍ଷେପ ନେବା ଜରୁରୀ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।






## ଚିତ୍ରକୋଣ୍ଡା ବ୍ଲକରେ ଠିକ୍ ସମୟରେ ବିଲ୍ ପେମେଣ୍ଟ ହେଉନଥିବାରୁ ଉନ୍ନତି ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ଓ ଠିକାଦାର ହନ୍ତସନ୍ତ

ଚିତ୍ରକୋଣ୍ଡା, : କିଛି ଦିନ ହେବ ଚିତ୍ରକୋଣ୍ଡା ବ୍ଲକ ରେ ଟେଣ୍ଡର କାମ ର ବିଲ୍ ଗୁଡ଼ିକ ଠିକ୍ ସମୟରେ ଠିକାଦାର ଙ୍କୁ ଦିଆଯାଉନାହିଁ। ଯାହାଫଳରେ ଉନ୍ନତି ମୂଳକ କାର୍ଯ୍ୟ ରେ ବାଧା ସୃଷ୍ଟି ହେଉଛି।ଦିନ ଦିନ ଧରି ବ୍ଲକ ଚେୟାରମେନ ଙ୍କ ଟେବୁଲ୍ ଉପରେ ଫାଇଲ ଗୁଡ଼ିକ ପଡିରହୁଛି। ସୁଚନା ମୁତାବକ ଟେଣ୍ଡର କାମର ପିସିସି ମାଗି ପାରୁନଥିବାରୁ ଫାଇଲ ଦେବାରେ ଅବହେଳା କରୁଛନ୍ତି ବ୍ଲକ ଚେୟାର ମେନ୍। ପ୍ରସାଶନିକ ଅଧିକାରୀ ଙ୍କ କଥା ମଧ୍ୟ ମାନୁ ନାହାନ୍ତି ସ୍ଥାନୀୟ ଚେୟାରମେନ। ଦୀର୍ଘ ଦିନ ଧରି ବିଲ୍ ପାଇପାରୁ ନଥିବାରୁ ଠିକାଦାର ଅନେକ କ୍ଷତି ସହିବାକୁ ପଡୁଛି। ଠିକ ସମୟରେ କାର୍ଯ୍ୟ ମଧ୍ୟ ସରୁ ନାହିଁ। ଏଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଏହାର ସମାଧାନ ନ କରନ୍ତି ତାନହେଲେ ଆଗାମୀ ଦିନରେ ସମସ୍ତ ଠିକାଦାର ମିଶି କରୁଥିବା ଟେଣ୍ଡର କାମଗୁଡିକ ବନ୍ଦ ରଖିବାକୁ ନିଷ୍ପତି ନେଇଛନ୍ତି।



# SSEPD Signs Two Pacts




Bhubaneswar: The Department of Social Security and Empowerment of PwDs (SSEPD) today signed two MoUs with an aim for inclusive growth of students with disabilities.The MoUs were signed in presence of SSEPD Minister Nityananda Gond, Principal Secretary Bishnupada Sethi here today.The Department has roped in Centre for Development of Advanced Computing (CDAC), Kolkata and Skill Council for Persons with Disabilities (SCPD) for skill development of students with disabilities and to prepare them with employability.Principal Secretary Shri Sethi said that the State Government is taking various initiatives to ensure learning and skill training for the disabled population of Odisha.SCPD will provide skill training for one year to students with disabilities in different trades such as fashion designing, automotive, hotel management, tourism and hospitality, security services, hospital services and other private jobs, officials said.Director Niyati Patnaik, Additional Secretaries S.K. Pradhan and D. Routray of SSEPD Department and Rabindra Singh, Chief Executive Officer and Salini Khanna, Chairperson were signed the MoUs.Similarly, another MoU was signed with C-DAC to provide computer education for visually challenged students. Ritesh Mukharjee, Scientist (F), Associate Director, Kunal Chandra, Scientist (E) Joint Director and Soma Khan, Scientist (E) Joint Director were signatories on behalf of C-DAC in the MoU.About 500 students and teachers will be trained in 1.5 years training during the first phase. They will be imparted various basic computing knowledge.CDAC will provide Digital voice recorders, desktop, laptop with required software to empower the students in computer knowledge.

# RED (ER-II) visit NTPC Darlipali

Sundargarh : Shri Arindam Sinha, Regional Executive Director (ER-II) visited NTPC Darlipali from 27.08.2024 to 28.08.2024 to review progress work of the project and visited various sites like Ash Dyke, Dry Fly Ash Silo, CCR, and main plant and assessed the ongoing activities at darlipali. Shri H N Chakraborty, Hop (Darlipali), Shri Ram Bhajan Malik, HOP designate, Shri Hare Ram, GM (O&M), and Site engineers were present to brief about the progress



report. During the visit, Shri Hare Ram Singh (GM) was also briefed about ongoing construction work. Shri Arindam Sinha also conducted a review meeting with all heads of departments (HODs), congratulating NTPC Darlipali for setting new benchmarks in power generation and commendable safety practices. He encouraged the team to continue their exemplary work and assured them of full support from the regional office in all areas of operation and maintenance. He praised the leadership of Shri H. N. Chakraborty, HoP Darlipali, acknowledging the significant progress under his guidance. In the evening, a cultural program was organized wherein children and family members showcased their talents. Also, there was singing performances by employees with a live band. Addressing the employees, Shri Sinha congratulated NTPC-Darlipali for the station's vibrant culture. Shri Sinha also inaugurate Utkarsh Bhawan in Township. of the Mrs. Rupali Sinha, President Vasudha Mahila Mandal (ER-II), along with members of the Abhilasha Ladies Club, distributed stationery kits to Kheradega Project Primary School. Utensils (kitchen equipment) were also distributed to Kheradega Anganwadi children. The visit concluded with tree plantation.

# Block Level Science Drama and Science Seminar Organised at Ambabhona Kedarnath Adivasi Govt High School as a means of Communicating Complex Socio- Scientific Issues



Bargarh/Ambabona: To encourage students, teachers and science communicators Ambabhona Block Level science seminar and drama competition was organised at Kedarnath Adivasi Govt High School Ambabhona where the students from different schools of the Ambabhona Block of Bargarh district showcased their exceptional talent under the supervision of Block Education Officer Bhabana Sahu .Lecturer in Mahatma Gandhi College of Bhukta Anil Kumar Debta graced the occasion as a chief guest.Dr Jayanta Kumar Sahu Lecturer in Botany of Mahatma Gandhi Higher secondary School joined as Chief Speaker whereas ABEO Lal Mohan Singh, Lecturer in Mahatma Gandhi Higher Secondary School Suvendu Kumar Sahu, Laboratory Demonstrator Jayanta Barik, President of Block Science Forum cum Science Teacher Sanjaya Khamari,Headmaster Subash Chandra Ratha and Secretary of Block Science Forum cum Science Teacher Manohar Sahu joined as honorable guest during the occasion.After lighting the Lamp by the Chief Guest and other Dignitaries Guests CRCC of Ambabhona Puniram Gand delivered a welcome speech.All the guests honoured with warm welcome.At first President of Block Science Forum explained about objectives of the Science drama based on the Theme : Science and Technology for the benefit of Mankind " and science seminar based on the theme " Artificial intelligence: Potentials& concerns " to inculcate a spirit of scientific enquiry and intellectual thinking in the minds of the individual.All the guests delivered a speech related to the importance of the play and seminar.The objective of this test is to identify the hidden talented students of the School in the field of Science andTechnology.All selected students of different Schools of the Block participated in the event.In the event Science Seminar Payal Patel of OAV Ambabhona secured first position, Kiran Meher of Kedarnath Adivasi Govt High School Second, Shruti Patel of Govt UP School Dwari and Pratiksha Pradhan of Dwarkadhish High School jointly secured third position.The drama showcased by Ruchida Purushottam High School, Bhukta Janata Govt High School and Ambabhona Kedarnath Adivasi Govt High School secured first, second and third position respectively and they were honoured with certificates and trophies in the award giving ceremony of the event.The programme successfully completed with the support of CRCC Kedar Naik, Choudhury Patra, Rahul Seth, staffs of the Block Education Office , Staffs of the Kedarnath Adivasi Govt High School Chinmaya Sahu, Madhusudan Barik and all the Science Teachers of Ambabhona Block Science Forum in a befitting manner.The event concluded with a vote of thanks by the teacher Manohar Sahu.

# ରୋଟାରି କ୍ଲବ କଟକ କ୍ୟାଣ୍ଟନମେଣ୍ଟ ର ଅଧିଷ୍ଠାନ ଦିବସ ଓ ମାନସିକ ସ୍ୱାସ୍ଥ୍ୟ ସମ୍ମିଳନୀ





କଟକ : ମାତୃତ୍ୱ କାଳରେ, ମା ଏବଂ ସ୍ୱାସ୍ଥ୍ୟ କର୍ମୀ ମାନଙ୍କ ମାନସିକ ସ୍ଥିତି ଏବଂ ତାର ନିରାକରଣ ବିଷୟରେ, ରୋଟାରି କ୍ଲବ କଟକ, କ୍ୟାଣ୍ଟନମେଣ୍ଟ ତରଫରୁ କଟକ ବାରବାଟୀ ଷ୍ଟାଡିଅମ ପରିସର ଅନ୍ତର୍ଗତ ଓସିଏ କନଫରେନ୍ସ ହଲରେ ଏକ ଜିଲ୍ଲାସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ସମ୍ମିଳନୀ ଆୟୋଜିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ରୋଟାରି ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶୀଷ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବେ ଏହି ସମ୍ମିଳନୀ କୁ ଶୁଭାରମ୍ଭ କରିଥିଲେ। ଏହି ସମ୍ମିଳନୀ ରେ ଯୋଗଦାନ କରିଥିବା ଅଶ୍ୱିନୀ ନର୍ସିଙ୍ଗ କଲେଜ ଓ ସାବରମତୀ ନର୍ସିଙ୍ଗ କଲେଜର ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ର ସ୍ୱାସ୍ଥ୍ୟକର୍ମୀମାନଙ୍କୁ, ଗର୍ଭବତୀ ମା ମାନଙ୍କର ମାନସିକ ସ୍ୱାସ୍ଥ୍ୟ ସେବା ଉପରେ ଆଲୋଚନା କରି ଆଲୋକପାତ କରାଯାଇଥିଲା। ଏସ.ସି.ବି ମେଡିକାଲ କଲେଜ, କଟକର ପ୍ରଫେସର ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ, ଭୁବନେଶ୍ୱର ଏମ୍ସ ର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦେବଦତ୍ତ ମହାପାତ୍ର, ଏସ.ସି.ବି ଏବଂ ଏମ.କେ.ସି.ଜି ମେଡିକାଲ କଲେଜ ର ଅଭସରପ୍ରାପ୍ତ ପ୍ରଫେସର ଡାକ୍ତର ନିରଞ୍ଜନ ମହାନ୍ତି ଉପସ୍ଥିତ ଥିବା ସମସ୍ତ ଶହେ ଜଣ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା, ଯତ୍ନ ଓ ଗୁଣବତ୍ତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀର ଦ୍ୱିତୀୟ ଭାଗରେ କ୍ଲବ୍ ର ଅଧିଷ୍ଠାନ ଦିବସ ପାଳନ ହେବା ସହିତ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ଅଧିଷ୍ଠାନ ଦିବସ ପାଳନ ଉପଲକ୍ଷେ ଦାୟିତ୍ୱ ହସ୍ତାନ୍ତର, ସମ୍ବର୍ଦ୍ଧନା ସଭା ଓ କର୍ମଶାଳା ରେ ରୋଟାରିଆନ ଡାକ୍ତର ଆରତୀ ବିଶ୍ୱାଳ, ଖଲ୍ଲିକୋଟ୍ ବିଶ୍ୱବିଦ୍ୟାଳୟ ର ପୂର୍ବତନ କୁଳପତି ପ୍ରଫୁଲ୍ଲ କୁମାର ମହାନ୍ତି, କ୍ଲବ୍ ସେମିନାର ଚେୟାର ମୀରା ପୃଷ୍ଟି, ନୂତନ ସଭାପତି ଶୁଭ୍ରା ମହାନ୍ତି, ସମ୍ପାଦକ ପ୍ରଭାତ ମିଶ୍ର, ଚାର୍ଟର ସଭାପତି ଡାକ୍ତର ତାପସ ଦାସ, ପୂର୍ବତନ ସଭାପତି ବିଶ୍ୱଜିତ ସେନାପତି, ପୂର୍ବତନ ସଭାପତି ତବସୁମ ଅକତର୍, କୋଷାଧ୍ୟକ୍ଷ ଜ୍ୟୋତି ରଂଜନ ଲେଙ୍କା ଏବଂ କ୍ଲବର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବେଳାଭୂମି ମଦ କୁଟିର କୁ ବିରୋଧ

ପୁରୀ(ଭିଓଭି): ମହୋଦଧି ବେଳାଭୂମିରେ ବିଦେଶୀ ମଦ କୁଟୀର ଖୋଲିବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତିକୁ ବିରୋଧ କରି ପୁରୀ ର ବହୁ ବୁଦ୍ଧିଜିବୀ, ସାମାଜିକ ସଂଗଠନ ଏବଂ ଧାର୍ମିକ ସଂଗଠନ ଗୁଡ଼ିକ ଅସନ୍ତୋଷ ବ୍ୟକ୍ତ କରିବା ସହିତ ସରକାରଙ୍କ ଅବକାରୀ ରାଜସ୍ୱ ବୃଦ୍ଧି ପାଇଁ ତୀର୍ଥରାଜ ମହୋଦଧିର ଶ୍ରୀଜଗନ୍ନାଥ ସଂସ୍କୃତି ଅଧାତ୍ମିକ ପରିବେଶକୁ ଧୂଳିସାତ୍ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ଅଭିଯୋଗ କରି ମୋହନ ମାଝି ସରକାରଙ୍କ ଏହି ନିଷ୍ପତି ବିରୋଧରେ ଆନ୍ଦୋଳନ ଦାନା ବାନ୍ଧୁଥିବାର ଜଣା ଯାଇଛି। ଶୁକ୍ରବାର ଠାରୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ନୂଆ ଅବକାରୀ ନୀତି ଆନୁଯାୟୀ ପର୍ଯ୍ୟଟନର ବିକାଶ ପାଇଁ ବେଳାଭୂମିରେ ମଦ ବିକ୍ରି କେନ୍ଦ୍ର ଖୋଲାଯିବ। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ କିମ୍ବା ଯେକୌଣସି ବ୍ୟକ୍ତିଗତ ମାଲିକାନାରେ ଏହି କେନ୍ଦ୍ର ବର୍ଷକିଆ ସରକାରୀ ଅନୁମତି ସୂତ୍ରରେ ଖୋଲାଯିବ। ପୁରୀର ପେଣ୍ଠକଟା ଠାରୁ ବଳିଆପଣ୍ଡା ମଙ୍ଗଳା ନଦୀ ମୁହାଣ ପର୍ଯ୍ୟନ୍ତ ପ୍ରାୟ ଆଠ କି.ମି. ବେଳାଭୂମି ପର୍ଯ୍ୟଟନ ପାଇଁ ଯେତିକି ପ୍ରସିଦ୍ଧ, ତାଠାରୁ ବେଶୀ ତୀର୍ଥରାଜ ମହୋଦଧି କ୍ଷେତ୍ର ଭାବେ ଭକ୍ତଙ୍କ ଭାବାବେଗ ସହ ଜଡ଼ିତ। କେବଳ ପୁରୀ କିମ୍ବା ଓଡ଼ିଶା ନୁହେଁ, ବରଂ ଓଡ଼ିଶା ବାହାରୁ ଦୈନିକ ଶହ ଶହ ଶ୍ରଦ୍ଧାଳୁ ମହୋଦଧି ରେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ଠାରୁ ଆରମ୍ଭ କରି ପିଣ୍ଡଦାନ, ଶ୍ରାଦ୍ଧ ତର୍ପଣ ଆଦି କରିଥାନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ପୁରୀର ମହୋଦଧି ତୀର୍ଥ ଅଙ୍ଗାଙ୍ଗୀ ଭାବେ ଜଡିତ। ମହୋଦଧି କୁ ଶ୍ରୀଜଗନ୍ନାଥଙ୍କ ଶ୍ୱଶୁର ବୋଲି କୁହାଯାଏ। ପ୍ରତ୍ୟେକ ଅମାବସ୍ୟା ତିଥିରେ ମହାପ୍ରଭୁ ଶ୍ରୀମନ୍ଦିରରୁ ମହୋଦଧିକୁ ବିଜେ କରିଥାନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ପୁରୀ ଗୋବର୍ଦ୍ଧନ ପୀଠ ପକ୍ଷରୁ ମହୋଦଧି ଆଳତୀ ଅନୁଷ୍ଠିତ ହୁଏ। ଭକ୍ତମାନେ ଶ୍ରଦ୍ଧା ଏବଂ ଭକ୍ତିର ସହ ତୀର୍ଥରାଜ ମହୋଦଧିରେ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିଥାନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଏଭଳି ଏକ ଆଧାତ୍ମିକ ପରିବେଶର ସୁରକ୍ଷା ଏବଂ ବିକାଶ କରିବା ପରିବର୍ତେ ସରକାର ସେଠାରେ ମଦ ଦୋକାନ ଖୋଲି ଏହି ପରିବେଶକୁ ଛାରଖାର କରିବାର ହୀନ ପ୍ରୟାସରୁ ନିବୃତ ରହିବାକୁ ବହୁ ସଂଗଠନ ଚେତାବନୀ ଦେଇଛନ୍ତି। ଏହି ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ବିଭିନ୍ନ ବୁଦ୍ଧିଜିବୀ ମହଲରେ ଦାବୀ କରାଯାଉଥିବାର ଜାଣିବାକୁ ମିଳିଛି।

# ଲୋକେ ପୋଡ଼ିଦେଲେ ଗୋମାଂସ ବୋଝେଇ ପିକ୍‌ଅପ୍ ଭ୍ୟାନ୍

ପୁରୀ/ଗୋପ (ଭିଓଭି): ଗତକାଲି ବୁଧବାର ସକାଳେ ଗୋପ ଥାନା ଅଧୀନ ନୂଆଖୋଲମରା ପଂଚାୟତ ବୋଇତିଭଙ୍ଗା ପୋଲ ନିକଟରେ ଗୋମାଂସ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ବନ୍ଧ ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହେବା ପରେ ସେଥିରେ ଗୋମାଂସ ଥିବା ଜାଣି ସ୍ଥାନୀୟ ଲୋକମାନେ ପୋଲିସ୍‌କୁ ଖବର ଦେଇଥିଲେ। ହେଲେ ପୋଲିସ୍ ପହଁଚିବାରେ ବିଳମ୍ୱ ହେବାରୁ ଘଟଣା ସ୍ଥଳରେ ଉତ୍ତ୍ୟେଜନା ବଢ଼ିଥିଲା। ଉତ୍ୟକ୍ତ ଲୋକମାନେ ଗାଡ଼ିଟିରେ ନିଆଁ ଲଗାଇ ଦେଇଥିଲେ। ମାତ୍ର ଗାଡ଼ି ଟି ଦୁର୍ଘଟଣା ପରେ ଗାଡ଼ି ଚାଳକ ଏବଂ ମାଂସ ଚାଲାଣକାରୀ ଘଟଣା ସ୍ଥଳରୁ ଖସି ପଳାଇ ଥିବାରୁ ସେମାନଙ୍କ ସଂପର୍କରେ କିଛି ଜଣା ପଡ଼ି ନାହିଁ। ଘଟଣାସ୍ଥଳରେ ବରିଷ୍ଠ ପୋଲିସ୍ ଅଧିକାରୀ ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିଥିଲେ। ପ୍ରାଣୀ ଚିକିତ୍ସା ଅଧରକାରୀ ସେଠାରେ ପହଁଚି ମାଂସର ନମୁନା ସଂଗ୍ରହ କରିଥିଲେ। ପୋଲିସ୍ ଘଟଣାସ୍ଥଳରୁ ପ୍ରାୟ ୨୦ କୁଇଂଟାଲ ଗୋମାଂସ ଜବତ କରି ପୋତି ଦେଇଥିଲେ। ଏ ସଂପର୍କରେ ଗାଡ଼ି ନମ୍ବର ଏବଂ ବିଭିନ୍ନ ତଥ୍ୟ ଆଧାରରେ ତଦନ୍ତ ଜାରି ରହିଛି ଏବଂ ଖୁବ୍ ଶୀଘ୍ର ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କୁ ଗିରଫ କରାଯିବ ବୋଲି ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ ପ୍ରକାଶ କରିଛନ୍ତି।

ଗୋପ-ନିମାପଡା ଅଂଚଳରେ ବାରମ୍ବାର ଗୋରୁ ବୋଝେଇ ଗାଡ଼ି ଏବଂ ଗୋମାଂସ ବୋଝେଇ ଗାଡି ଜବତ କଲା ପରେ ବି ଦୃଢ଼ କାର୍ଯ୍ୟାନୁଷ୍ଠାନ ଅଭାବରୁ ଗୋରୁ ଏବଂ ଗୋମାଂସ ଚାଲାଣ ଦିନକୁ ଦିନ ବଢ଼ି ଚାଲିଛି। ଗୋରୁ ଚୋରା ଚାଲାଣ ରାକେଟ୍ ଙ୍କ ଚରାଭୂଇଁ ପାଲଟିଛି ଏହି ଅଂଚଳ। କାଁ ଭାଁ କେତୋଟି ଘଟଣା କୁ ଛାଡି ଦେଲେ ପ୍ରାୟ ସମସ୍ତ ଗୋରୁ ଚାଲାଣ ଗାଡି ଜବତ ଘଟଣାରେ ସ୍ଥାନୀୟ ବାସିନ୍ଦା ଯୁବକ ମାନେ ହିଁ ପ୍ରଥମେ ଗୋରୁ ଚାଲାଣ ଗାଡ଼ି କୁ ଅଟକ ରଖି ପୋଲିସ୍ କୁ ଖବର ଦେଇଥାନ୍ତି। ପୋଲିସ୍ ଆସି ଗାଡ଼ି ଜବତ କରେ, ଗୋରୁ ଜବତ କରେ କିନ୍ତୁ ତା ପରର ପରିସ୍ଥିତି ଯଥା ପୂର୍ବଂ ତଥା ପରଂ। ତେଣୁ ଗୋ-ଚାଲାଣ ରୋକିବାକୁ ପ୍ରଶାସନ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ମମତାଙ୍କ ‘ପ୍ରତିଶୋଧ’ ଟିପ୍ପଣୀ: ବିରୋଧ ତୀବ୍ର, ଆନ୍ଦୋଳନ ଜାରି

କୋଲକାତା: କୋଲକାତାରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ପ୍ରତିବାଦରେ ଚାଲିଥିବା ଆନ୍ଦୋଳନକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ‘ପ୍ରତିଶୋଧ’ ଟିପ୍ପଣୀ ବଡ଼ ବିବାଦ ସୃଷ୍ଟି କରିଛି। କେନ୍ଦ୍ରମନ୍ତ୍ରୀ ତଥା ପଶ୍ଚିମବଙ୍ଗ ବିଜେପି ସଭାପତି ସୁକାନ୍ତ ମଜୁମଦାର ଆଜି ମମତାଙ୍କ ବୟାନକୁ ବିରୋଧ କରି ରାଜ୍ୟପାଳ ସିଭି ଆନନ୍ଦ ବୋସ୍‌ଙ୍କୁ ଚିଠି ଲେଖିଛନ୍ତି। ମାମଲାରେ ସେ ରାଜ୍ୟପାଳଙ୍କ ତତ୍କାଳ ହସ୍ତକ୍ଷେପ ଲୋଡ଼ିଛନ୍ତି। ସୁକାନ୍ତ ମଜୁମଦାର କହିଛନ୍ତି, ମମତା ‘ପ୍ରତିଶୋଧମୂଳକ ରାଜନୀତି’ କରୁଛନ୍ତି। ମମତା ଦେଇଥିବା ‘ଦେଶ ବିରୋଧୀ’ ଟିପ୍ପଣୀ ବିରୋଧରେ ସେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ ମଧ ଉକ୍ତ ପ୍ରସଙ୍ଗରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଚିଠି ଲେଖିଛନ୍ତି। ଉଲ୍ଲେଖଯୋଗ୍ୟ, ମମତା ଗତକାଲି ଟିଏମ୍‌ସି ଛାତ୍ର ଶାଖା ପ୍ରତିଷ୍ଠା ଦିବସ ରାଲିରେ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କଡ଼ା ସମାଲୋଚନା କରିଥିଲେ।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗରେ ଅଶାନ୍ତ ସ୍ଥିତି ସୃଷ୍ଟି କରିବାପାଇଁ ତାଙ୍କ ଦଳକୁ ବ୍ୟବହାର କରୁଛନ୍ତି ବୋଲି ମମତା ଅଭିଯୋଗ କରିଥିଲେ ଏବଂ ଚେତାବନୀ ଦେଇ କହିଥିଲେ ଯେ ଯଦି ପଶ୍ଚିମବଙ୍ଗ ଜଳିବ ତେବେ ଓଡ଼ିଶା, ଆସାମ, ବିହାର, ଝାଡ଼ଖଣ୍ଡ, ଦିଲ୍ଲୀ ଏବଂ ଉତ୍ତରପୂର୍ବ ମଧ ଜଳିବ । ମମତାଙ୍କ ଏହି ଟିପ୍ପଣୀକୁ ଜୋରଦାର ବିରୋଧ କରାଯାଇଛି। ମମତାଙ୍କ ଏହି ଟିପ୍ପଣୀ ପାଇଁ ସୁକାନ୍ତ ମଜୁମଦାର ତାଙ୍କ ଇସ୍ତଫା ଦାବି କରିଛନ୍ତି। ମମତା ମୁଖ୍ୟମନ୍ତ୍ରୀ ପଦବୀରେ ରହିବାପାଇଁ ଯୋଗ୍ୟ ନୁହନ୍ତି ବୋଲି ମଜୁମଦାର କହିଛନ୍ତି। ଅନ୍ୟପକ୍ଷେ ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ମମତାଙ୍କ ଟିପ୍ପଣୀ ପାଇଁ ତାଙ୍କୁ ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜଙ୍ଗ ଉନ୍‌ଙ୍କ ସହ ତୁଳନା କରିଛନ୍ତି। ଗିରିରାଜ କହିଛନ୍ତି, ମମତା ବାନାର୍ଜୀ ଏବଂ କିମ୍ ଜଙ୍ଗ ଉନ୍ ?ଙ୍କର ଗୋଟିଏ କଥା ସମାନ ଏବଂ ସେମାନେ ବିରୋଧୀଙ୍କୁ ଆଦେ ସହ୍ୟ କରନ୍ତିନି। ଗିରିରାଜ କହିଛନ୍ତି, ଏହା ଜଣେ ଗଣତାନ୍ତ୍ରିକ ମୁଖ୍ୟମନ୍ତ୍ରୀଙ୍କର ଭାଷା ନୁହେଁ। ଉଲ୍ଲେଖଯୋଗ୍ୟ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ମଧ ଗତକାଲି ମମତାଙ୍କ ଉପରେ ବର୍ଷିଥିଲେ। ମମତାଙ୍କର ଏଭଳି ଟିପ୍ପଣୀ ଦେବାପାଇଁ ସାହସ କେମିତି ହେଲା ବୋଲି ସେ ପ୍ରଶ୍ନ କରିଥିଲେ। ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବୀରେନ ସିଂହ ମଧ ମମତା ବାନାର୍ଜୀଙ୍କ ଟିପ୍ପଣୀକୁ କଡ଼ା ନିନ୍ଦା କରିଛନ୍ତି ଏବଂ ଉତ୍ତରପୂର୍ବ ତଥା ସମସ୍ତ ଦେଶବାସୀଙ୍କୁ ମମତା କ୍ଷମା ମାଗନ୍ତୁ ବୋଲି ସେ ଦାବି କରିଛନ୍ତି। ବିଜେପିର ଜାତୀୟ ମୁଖପାତ୍ର ଶେହଜାଦ ପୁନାୱାଲା ମଧ ମମତାଙ୍କ ଟିପ୍ପଣୀ ପାଇଁ ତାଙ୍କୁ ସମାଲୋଚନା କରିଛନ୍ତି। ମମତା ବାନାର୍ଜୀ ନ୍ୟାୟ ନୁହେଁ ବରଂ ପ୍ରତିଶୋଧ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ପୁନାୱାଲା କହିଛନ୍ତି। ଅନ୍ୟପକ୍ଷରେ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ବିରୋଧ କରି ଆଜି ବି ରାଜ୍ୟରେ ବିଭିନ୍ନ ସ୍ଥାନରେ ରାଜନୈତିକ ଦଳ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। କଂଗ୍ରେସ ଆଜି ଏହି ଘଟଣାକୁ ବିରୋଧ କରି ରାଜ୍ୟରେ ଏକ ର ?ାଲି କରିଛି। କଂଗ୍ରେସ ନେତା ଅଧୀର ରଂଜନ ଚୌଧୁରୀ ଦଳୀୟ ରାଲିର ନେତୃତ୍ୱ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଡାକ୍ତରଙ୍କୁ ଧମକ ଦେବା ପ୍ରସଙ୍ଗରେ ଟିପ୍ପଣୀ ଦେଇ ଅଧୀର ରଂଜନ କହିଛନ୍ତି, ସେମାନେ ଧମକ ଦେବାକୁ ଚେଷ୍ଟା କରୁଛନ୍ତି କିନ୍ତୁ ଲୋକେ ଏଭଳି ଧମକକୁ ଖାତିର କରୁନାହାନ୍ତି। ଅନେକ ସିଭିଲ୍ ? ସୋସାଇଟି ଅନୁଷ୍ଠାନ ମଧ ଉକ୍ତ ଘଟଣାକୁ ବିରୋଧ କରି ଆନ୍ଦୋଳନ କରୁଛନ୍ତି। ସେହିପରି ଆଜି ଶତାଧିକ ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟାକୁ ବିରୋଧ କରି କୋଲକାତାରେ ‘ଅଗ୍ନିକାର ଯାତ୍ରା’ କରିଛନ୍ତି। ହାତରେ ପ୍ଲାକାର୍ଡ ଏବଂ ବ୍ୟାନର ଧରି ସେମାନେ ଦୋଷୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଅଗଷ୍ଟ ୧୦ ତାରିଖରୁ ?କୋଲକାତାରେ ଆନ୍ଦୋଳନ ଏବଂ ର ?ାଲି ଜାରି ରହିଛି।

## ସ୍ତ୍ରୀଧନ ଉପରେ କେବଳ ମହିଳାଙ୍କ ଅଧିକାର

# ବାପା ବି ମାଗିପାରିବେ ନାହିଁ: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ: ସ୍ତ୍ରୀଧନ ସଂକ୍ରାନ୍ତ ଏକ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ସ୍ତ୍ରୀଧନ ମହିଳାଙ୍କ ସ୍ୱତନ୍ତ୍ର ସମ୍ପତ୍ତି ଏବଂ ମହିଳାଙ୍କ ସମ୍ମତି ବିନା ତାଙ୍କ ବାପା ମଧ୍ୟ ତାଙ୍କ ଶ୍ୱଶୁରଙ୍କଠାରୁ ସ୍ତ୍ରୀଧନ ଫେରସ୍ତ ଦାବି କରିପାରିବେ ନାହିଁ । ସୁପ୍ରିମ୍ କୋର୍ଟରେ ଜଷ୍ଟିସ୍ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ୍ ସଞ୍ଜୟ କରୋଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଛାଡ଼ପତ୍ରପ୍ରାପ୍ତ ମହିଳାଙ୍କ ପିତାଙ୍କ ଦ୍ୱାରା ଦାଏର ହୋଇଥିବା ଏଫ୍‌ଆଇଆରକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଝିଅର ଛାଡ଼ପତ୍ର ପରେ ଶ୍ୱଶୁରଘର ଲୋକଙ୍କଠାରୁ ସ୍ତ୍ରୀଧନ (ବିବାହ ସମୟରେ ଦିଆଯାଇଥିବା ଉପହାର ଓ ଗହଣା) ଫେରାଇ ଦେବାକୁ ବାପା ଦାବି କରିଥିଲେ। କୋର୍ଟ ଏହି ମାମଲାରେ କହିଛନ୍ତି ଯେ ସ୍ତ୍ରୀଧନର ଏକମାତ୍ର ମାଲିକ



ହେବା ପାଇଁ ମହିଳାଙ୍କ (ପତ୍ନୀ କିମ୍ବା ପୂର୍ବତନ ପତ୍ନୀ) ଏକମାତ୍ର ଅଧିକାର ସମ୍ପର୍କରେ ଅଦାଲତଙ୍କ ପୂର୍ବ ଆଦେଶ ସ୍ପଷ୍ଟ ରହିଛି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ସ୍ତ୍ରୀଧନ ଉପରେ ସ୍ୱାମୀଙ୍କର କୌଣସି ଅଧିକାର ନାହିଁ ଏବଂ ଯେ ପର୍ଯ୍ୟନ୍ତ ଝିଅ ଜୀବିତ ଅଛି କିମ୍ବା ନିଜେ ନିଷ୍ପତ୍ତି ନେବାରେ ସକ୍ଷମ, ସେ ପର୍ଯ୍ୟନ୍ତ ତାଙ୍କ ବାପାଙ୍କର ମଧ୍ୟ ସ୍ତ୍ରୀଧନ ଫେରାଇବା ଦାବି କରିବାର ଅଧିକାର ନାହିଁ। ସୂଚନାଯୋଗ୍ୟ, ୧୯୯୯ ମସିହାରେ ବିବାହ ସମୟରେ ଦିଆଯାଇଥିବା ସ୍ତ୍ରୀଧନକୁ ଶାଶୂଘର ଲୋକେ ଫେରାଉନଥିବା ନେଇ ମହିଳାଙ୍କ ବାପାଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ମହିଳା ଜଣକ ୨୦୧୬ରେ ତାଙ୍କ ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଥିଲେ ଏବଂ ୨୦୧୮ରେ ବ୍ରିଟେନରେ ପୁଣି ଥରେ ବିବାହ କରିଥିଲେ। ଅଦାଲତ କହିଛନ୍ତି ଯେ ମହିଳାଙ୍କ ଛାଡ଼ପତ୍ରର ପାଞ୍ଚ ବର୍ଷରୁ ଅଧିକ ସମୟ ପରେ ଏବଂ ପୁନଃବିବାହର ତିନି ବର୍ଷ ପରେ ରୁଜୁ ହୋଇଥିବା ଏହି ଏଫ୍‌ଆଇଆରରେ କୌଣସି ଦମ୍ ନାହିଁ। ୨୨ ଡିସେମ୍ବର ୨୦୨୨ରେ ମହିଳାଙ୍କ ଶ୍ୱଶୁର ଘର ପକ୍ଷରୁ ତେଲେଙ୍ଗାନା ହାଇକୋର୍ଟରେ ଏତଲାକୁ ରଦ୍ଦ କରିବା ପାଇଁ ଏକ ପିଟିସନ୍ ଦାଖଲ କରାଯାଇଥିଲା। କିନ୍ତୁ କୋର୍ଟ ଏହାକୁ ବାତିଲ କରିବାକୁ ମନା କରିଦେଇଥିଲେ। ଏହାପରେ ଅଦାଲତ ଏହି ଅଭିଯୋଗକୁ ପ୍ରାଥମିକ ଦୃଷ୍ଟିରୁ ବିଚାରଯୋଗ୍ୟ ବୋଲି କହିଥିଲେ। ଏହି ନିଷ୍ପତ୍ତିକୁ ମହିଳାଙ୍କ ଶାଶୂଘର ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

## ସୁପ୍ରିମ୍‌କୋର୍ଟର ବିଚାରାଧୀନ ମାମଲା ସଂଖ୍ୟା ୮୩ ହଜାର


ନୂଆଦିଲ୍ଲୀ: ସୁପ୍ରିମ୍‌କୋର୍ଟ ନିଜର ଦୈନନ୍ଦିନ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି, ତଥାପି ବିଚାରାଧୀନ ମାମଲା ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ନ୍ୟାସନାଲ ଜୁଡିସିଆଲ ଡାଟା ଗ୍ରିଡ୍ (ଏନ୍‌ଜେଡିଜି) ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ୮୨,୯୮୯ଟି ମାମଲା ବିଚାରାଧୀନ ରହିଛି, ଯାହା କି ଏ ପର୍ଯ୍ୟନ୍ତ ସର୍ବାଧିକ। ସେଥିମଧ୍ୟରୁ ୨୭,୭୨୯ଟି ମାମଲା ଏକ ବର୍ଷରୁ କମ୍ ସମୟ ଧରି ବିଚାରାଧୀନ ରହିଛି। ଏନ୍‌ଜେଡିଜିର ତଥ୍ୟ ଏହା ମଧ୍ୟ ଦର୍ଶାଉଛି ଯେ ଚଳିତ ବର୍ଷ ୩୯,୨୫୪ ମାମଲା ଦାୟର ହୋଇଥିବା ବେଳେ ସୁପ୍ରିମ୍ ?କୋର୍ଟ ୩୭,୨୫୯ ମାମଲାର ସମାଧାନ କରିବାରେ ସଫଳ ହୋଇଛନ୍ତି, ଯାହା କି ପ୍ରାୟ ୯୪.୯୨%ର ସମାଧାନ ହାର ହାସଲ କରିଛି। ତିନିଜଣିଆ ଖଣ୍ଡପୀଠରେ ୧୧୩୦ଟି ମାମଲା ବିଚାରାଧୀନ ଥିବା ବେଳେ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠରେ ୨୭୪ଟି, ୭ ଜଣିଆ ସାମ୍ବିଧାନିକ ଖଣ୍ଡପୀଠରେ ୩୭ଟି ଏବଂ ୯ ଜଣିଆ ଖଣ୍ଡପୀଠରେ ୧୩୬ଟି ମାମଲା ବିଚାର ଅପେକ୍ଷାରେ ରହିଛି। କୋଭିଡ୍-୧୯ ମହାମାରୀ ସମୟରେ ନ୍ୟାୟପାଳିକାର କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବା ଏହି ସମସ୍ୟାର ମୁଖ୍ୟ କାରଣ ବୋଲି କୁହାଯାଉଛି। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ୨୦୨୨ ନଭେମ୍ବରରେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ରେଜିଷ୍ଟ୍ରି କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା, ମାମଲାଗୁଡ଼ିକୁ ଏକାଠି କରିବା ଏବଂ ତାଲିକାଭୁକ୍ତ ପ୍ରକ୍ରିୟାକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ସେ ଚଳିତ ବର୍ଷ ନଭେମ୍ବର ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ୨୦୨୪ ଜୁଲାଇ ୨୯ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ସୁପ୍ରିମ୍‌କୋର୍ଟ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଆୟୋଜନ କରିଥିଲେ। ଏଥିରେ ତାଲିକାଭୁକ୍ତ ୨୨୦୦ ମାମଲା ମଧ୍ୟରୁ ୧୧୦୦ ମାମଲାର ସଫଳ ସମାଧାନ ହୋଇଥିଲା। ଗତବର୍ଷ ୧୯୮୨ ବେସାମରିକ ବିବାଦର ରାୟ ଶୁଣାଇ ସୁପ୍ରିମ୍‌କୋର୍ଟ ଦେଶରେ ବିଚାରାଧୀନ ମାମଲାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ମାମଲାଗୁଡ଼ିକର ତ୍ୱରିତ ସମାଧାନକୁ ସୁନିଶ୍ଚିତ କରିବା ପାଇଁ ଅଦାଲତ ଏକାଧିକ ନିର୍ଦ୍ଦେଶନାମା ଜାରି କରିବା ସହ ଚେତାବନୀ ଦେଇଛନ୍ତି ଯେ ଯଦି ପ୍ରକ୍ରିୟା ମନ୍ଥର ଗତିରେ ଚାଲିବ ତେବେ ନ୍ୟାୟ ବିଚାର ଉପରୁ ଜନସାଧାରଣଙ୍କ ଭରସା ତୁଟିଯିବ।

# ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ବୟାନକୁ ସୁପ୍ରିମ୍‌କୋର୍ଟଙ୍କ ତୀବ୍ର ନାପସନ୍ଦ

ନୂଆଦିଲ୍ଲୀ : ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ବିଆରଏସ୍ ନେତ୍ରୀ କେ କବିତାଙ୍କୁ ଜାମିନ ମିଳିବା ପରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ନ୍ୟାୟପାଳିକା ଉପରେ ଦେଇଥିବା ମନ୍ତବ୍ୟକୁ ସୁପ୍ରିମକୋର୍ଟ ତୀବ୍ର ନାପସନ୍ଦ କରିଛନ୍ତି। ସୂଚନାଯୋଗ୍ୟ, ରେବନ୍ତ ରେଡ୍ଡୀ କବିତାଙ୍କୁ ସୁପ୍ରିମ୍ କୋର୍ଟରୁ ଜାମିନ ମିଳିବା ନେଇ ପ୍ରଶ୍ନ ଉଠାଇ କହିଥିଲେ- 'ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଜାମିନ ମିଳିବା ପାଇଁ ୧୫ ମାସ ସମୟ ଲାଗିଥିଲା ଏବଂ ଏପରିକି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଜାମିନ ପାଇଁ ଅପେକ୍ଷା କରିଛନ୍ତି। ତଥାପି କବିତା ମାତ୍ର ୫ ମାସ ମଧ୍ୟରେ ଜାମିନ ପାଇବାରେ କିଭଳି ସକ୍ଷମ ହେଲେ' ସର୍ବୋଚ୍ଚ ଅଦାଲତ ଜାମିନ ଦେବା ପଛରେ ବିଜେପିର ଯୋଜନାବଦ୍ଧ ରଣନୀତି ଅଛି ବୋଲି ମଧ୍ୟ କହିବାକୁ ରେଡ୍ଡୀ ପଛାଇନଥିଲେ। ଜଷ୍ଟିସ୍ ବିଆର୍ ଗବାଇ, ଜଷ୍ଟିସ୍ କେଭି ବିଶ୍ୱନାଥନ୍ ଓ ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ରେଡ୍ଡୀଙ୍କ ମନ୍ତବ୍ୟକୁ ନେଇ ତୀବ୍ର ଆପତ୍ତି ଉଠାଇଛନ୍ତି। ଜଣେ ମୁଖ୍ୟମନ୍ତ୍ରୀ ଏଭଳି ବୟାନ କେମିତି ଦେଇପାରିବେ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଜଷ୍ଟିସ ଗବାଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଏବଂ ସିଦ୍ଧାର୍ଥ ଲୁଥ୍ରାଙ୍କୁ ତାଙ୍କ ମନ୍ତବ୍ୟ ବାବଦରେ ସ୍ପଷ୍ଟୀକରଣ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୫ 'କ୍ୟାସ୍ ଫର୍ ଭୋଟ୍' ଦୁର୍ନୀତି ମାମଲାର ଶୁଣାଣି ତେଲେଙ୍ଗାନାରୁ ଭୋପାଳ ସ୍ଥାନାନ୍ତର ପାଇଁ ହୋଇଥିବା ଆବେଦନର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟ ଏହି



ମନ୍ତବ୍ୟ ଦେଇଛନ୍ତି। ଅଦାଲତଙ୍କ ଆଦେଶ ରାଜନୈତିକ ଦୃଷ୍ଟିକୋଣରୁ ପ୍ରଭାବିତ ହେବା ଉଚିତ କି ବୋଲି ଜଷ୍ଟିସ୍ ଗବାଇ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। କୌଣସି ରାଜନୈତିକ ଦଳ ସହ ଆଲୋଚନା କରି ଆମକୁ ଆମର ଆଦେଶ ଦେବାକୁ ପଡ଼ିବ କି ? ଆମେ କାହାର ସମାଲୋଚନାକୁ ନେଇ ଚିନ୍ତିତ ନୁହଁ । ବିବେକ ଅନୁଯାୟୀ ଆମେ କର୍ତ୍ତବ୍ୟ କରୁଛୁ ବୋଲି ଜଷ୍ଟିସ୍ ଗବାଇ କହିଛନ୍ତି। ରୋହତଗୀ ଖଣ୍ଡପୀଠଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ସହ ସେ କଥା ହେବେ ଏବଂ ସଂଶୋଧନମୂଳକ ପଦକ୍ଷେପ ସୁନିଶ୍ଚିତ କରିବେ।




**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News

Printed by **Gyana Ranjan Mishra** and published by **Gyana Ranjan Mishra** on behalf of Voice Of Victims Trust and Printed at M/S Bhagawati Electronic Process, D-3, Mancheswar Industrial Estate, Bhubaneswar, Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra**
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର